Postal Regd.No.:
BGR - 02/2021-2023
ବର୍ଷ - ୨୧ ■ ସଂଖ୍ୟା - ୪୭
Volum. - 21 ■ Issue No.- 47
Sunday ■ Balangir
ରବିବାର ■ ବଲାଙ୍ଗିର

# KOSHALA PRABAHA
# କୋଶଳ ପ୍ରବାହ

www.koshalaprabaha.com

R.N.I.No.: ODIODI/2000/03637 / ୧୭ ଅକ୍ଟୋବର - ୨୩ ଅକ୍ଟୋବର ୨୦୨୧ / 17 Oct. - 23 Oct. 2021 / Odia Weekly / 8 Pages / Rs.2/- only

## ମା’ ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା ସମ୍ପନ୍ନ
## କଟକଣା ସତ୍ତ୍ୱେ ଶ୍ରଦ୍ଧାଳୁ ସାମିଲ, ହଜାର ହଜାର ବଳି ପଡିଲା



ଭବାନୀପାଟଣା, (ନିପ୍ର) : କଳାହାଣ୍ଡି ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା ସମ୍ପନ୍ନ ହୋଇଯାଇଛି । ଯାତରା ପୂର୍ବଦିନ ନିଶାର୍ଦ୍ଧରେ ମନ୍ଦିର ପରିସରରେ ପୋଢ଼ ବଳି ପରେ ସକାଳୁ ସହର ଜେନାଖାଲରୁ ମା’ଙ୍କ ଛତର ମନ୍ଦିରକୁ ଆସିଥିଲା । ଲୋକନୃତ୍ୟ ଓ ଲୋକଗୀତରେ ପ୍ରକମ୍ପିତ ହୋଇଥିଲା ରାଜରାସ୍ତା । ଅନ୍ୟ ବର୍ଷମାନଙ୍କରେ ଛତର ଯାତ୍ରା ସମୟରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଉଥିବା ବେଳେ ଗତ ବର୍ଷ କୋଭିଡ କଟକଣା ପାଇଁ ବିନା ଭକ୍ତରେ ପରମ୍ପରା ପାଳନ କରାଯାଇଥିଲା । ତେବେ ଏ ବର୍ଷର ଦୃଶ୍ୟ ଟିକେ ଅଲଗା ଥିଲା । କୋଭିଡ କଟକଣା ପାଇଁ ସହରରେ ୧୪୪ ଧାରା ଜାରି କରାଯାଇଥିଲା । ସହରର ସବୁ ବନ୍ଦ ଥିବା ବେଳେ ଭିତରକୁ କାହାରିକୁ ଛଡାଯାଇ ନଥିଲା । ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ସହରରେ ୧୦ ପ୍ଲାଟୁନ ପୋଲିସ ମୁତୟନ କରାଯାଇଥିଲା । କଟକଣା ସତ୍ତ୍ୱେ ହଜାର ହଜାର ଶ୍ରଦ୍ଧାଳୁ ମା’ଙ୍କ ଛତର ଦର୍ଶନ କରିଥିଲେ । କଟକଣା ଯୋଗୁଁ ମାନସିକଧାରୀମାନେ ରାଜରାସ୍ତାକୁ ନଯାଇ ନିଜ ଘରେ ଓ ଭାବନୀପାଟଣାକୁ ସଂଯୋଗ କରୁଥିବା ଜିଲ୍ଲାର ବିଭିନ୍ନ ସଡକରେ ହଜାର ହଜାର କୁକୁଡ଼ା, ବୋଦା ଆଦି ବଳି ପକାଇବାର ଦେଖିବାକୁ ମିଳିଛି ।

ଏଠାରେ ସୂଚନାଯୋଗ୍ୟ ଯେ, ପ୍ରତି ବର୍ଷ ଛତର ଯାତ୍ରା ସମୟରେ ଭବାନୀପାଟଣାର ରାଜରାସ୍ତା ଉପରେ ହଜାର ହଜାର ପଶୁ ପକ୍ଷୀଙ୍କୁ ମାନସିକଧାରୀମାନେ ଶ୍ରଦ୍ଧାର ସହକାରେ ମା’ ମାଣିକେଶ୍ୱରୀଙ୍କ ଉଦ୍ଦେଶ୍ୟରେ ବଳି ଦେଇଥା’ନ୍ତି । ଗତବର୍ଷ କୋଭିଡ଼ କଟକଣା ଯୋଗୁଁ ଯଦି ବି ଛତର ଯାତ୍ରା ମାନ୍ଦା ହୋଇଯାଇଥିଲା, ତଥାପି ଚଳିତ ବର୍ଷ ୧୪୪ ଧାରା ଜାରି ହୋଇଥିବା ସତ୍ତ୍ୱେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯିଏ ଯେଉଁଠି ଥିଲେ, ସେଠାରେ ହିଁ ମା’ ମାଣିକେଶ୍ୱରୀଙ୍କ ଉଦ୍ଦେଶ୍ୟରେ ବଳି ପ୍ରଦାନ କରିଥିବା କୁହାଯାଇଛି ।

ପବିତ୍ର ଦଶହରା ପର୍ବ ଅବସରରେ ସମସ୍ତ ବଲାଙ୍ଗିର ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ମା’ ଜଗତ ଜନନୀଙ୍କ କରୁଣାରୁ ମାନବ ସମାଜରେ ଶାନ୍ତି, ମୈତ୍ରୀ ଓ ସଦ୍‌ଭାବନା ବଳବତ୍ତର ରହୁ, ଏହା ହିଁ ଆନ୍ତରିକ କାମନା ।

କରୋନା ନିୟମ ମାନି ଚଳନ୍ତୁ ।
କରୋନା ସଂକ୍ରମଣରୁ ନିଜକୁ ତଥା ଅନ୍ୟମାନଙ୍କୁ ରକ୍ଷା କରନ୍ତୁ ।

.... ଜଣେ ଶୁଭେଚ୍ଛୁ







“ପବିତ୍ର ବିଜୟା ଦଶମୀ – ୨୦୨୧”
ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟର ପ୍ରତୀକ । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଏବଂ ଶାନ୍ତିର ପ୍ରତିଷ୍ଠା ଦିଗରେ ନିଷ୍ଠାପର କାର୍ଯ୍ୟ କରନ୍ତୁ ବୋଲି ମୁଁ ଆହ୍ୱାନ ଜଣାଉଛି ।

‘କରୋନା’ ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଆବଶ୍ୟକ ସରକାରୀ ନିର୍ଦ୍ଦେଶ ଓ ପରାମର୍ଶ ପାଳନ ପୂର୍ବକ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ଗଣେଶୀ ଲାଲ)




ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ
ପୂଜା ଅଭିନନ୍ଦନ

ମାତୃଶକ୍ତିର ଆରାଧନା ଆମ ସଂସ୍କୃତିର ଅନନ୍ୟ ବିଭବ । ଆଶ୍ୱିନରେ ମା’ଙ୍କର ଧରାବତରଣ ଚାରିଆଡେ ଏକ ଆନନ୍ଦମୟ ପରିବେଶ ସୃଷ୍ଟି କରିଛି । ପାର୍ବଣର ମହାର୍ଘ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ଚଳିତ ବର୍ଷ ନିରାଡମ୍ବର ଭାବରେ ମା’ଙ୍କ ପୂଜା କରିବା ସହିତ ଭିଡ ନ କରିବା, ଠିକ୍ ଭାବରେ ମାସ୍କ ପିନ୍ଧିବା, ହାତ ଧୋଇବା ଏବଂ ସାମାଜିକ ଦୂରତା ରକ୍ଷା କରିବା ଆଦି କୋଭିଡ ନିୟମାବଳୀକୁ କଡାକଡି ଭାବରେ ପାଳନ କରିବା ପାଇଁ ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି ।

ଦିବ୍ୟ ଜନନୀଙ୍କ ଆଗମନ ପ୍ରତି ପରିବାରରେ ଖୁସି ଓ ଆନନ୍ଦ ଭରି ଦେଉ, ଏତିକି ପ୍ରାର୍ଥନା ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା




ଶାରଦୀୟ ଦୁର୍ଗାପୂଜା–୨୦୨୧
ଅବସରରେ ବାର୍ତ୍ତା

ପବିତ୍ର ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ରାଜ୍ୟବାସୀ ସମସ୍ତ ଭାଇଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଦୁର୍ଗତିନାଶିନୀ, ଶକ୍ତି ପ୍ରଦାୟିନୀ, ଜଗଜ୍ଜନନୀ ମା’ ଦୁର୍ଗା ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରି ଦିଅନ୍ତୁ, ଏହା ହିଁ ମୁଁ କାମନା କରୁଛି ।

ସମ୍ପ୍ରତି କରୋନା ମହାମାରୀ ସଂପୂର୍ଣ୍ଣ ରୂପେ ଦୂର ହୋଇନାହିଁ । ଏପରି ସ୍ଥଳେ ସରକାରଙ୍କ ତରଫରୁ ଜାରି କରାଯାଇଥିବା କୋଭିଡ କଟକଣା ଅନୁପାଳନ ପୂର୍ବକ ଚଳିତ ବର୍ଷ ମା’ ଦୁର୍ଗାଙ୍କର ଧରାବତରଣ ତଥା ଶାରଦୀୟ ଦୁର୍ଗାପୂଜା ଉତ୍ସବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବାକୁ ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି ।

(ରଘୁନନ୍ଦନ ଦାସ)
ସୂଚନା ଓ ଲୋକସମ୍ପର୍କ, ଜଳସଂପଦ ମନ୍ତ୍ରୀ

DADLS-26
OIPR-15001/13/0050/2122

# ୨୦ ବର୍ଷର କ୍ଷମତା : ସ୍ୱପ୍ନବିଭୋର ଜନତା

**ରଘୁନାଥ ବାବୁ**



୨୦୦୧ ମସିହା ଅକ୍ଟୋବର ୭ ତାରିଖରେ ଗୁଜରାଟ ପ୍ରଦେଶର ମୁଖ୍ୟମନ୍ତ୍ରୀରୂପେ ଶପଥ ନେଇଥିଲେ ନରେନ୍ଦ୍ର ଦାମୋଦରଦାସ ମୋଦୀ । ସେତେବେଳକୁ ସେ ବିଧାନସଭାର ସଭ୍ୟ ମଧ ନଥିଲେ । ରାଜ୍ୟଶାସନ ସମ୍ଭାଳିବାର କୌଣସି ପୂର୍ବ ଅଭିଜ୍ଞତା ନଥିଲା । କିନ୍ତୁ ମୁଖ୍ୟମନ୍ତ୍ରୀ ରୂପେ କାର୍ଯ୍ୟଭାର ଗ୍ରହଣ କଲାପରେ ସେ ଆଉ ପଛକୁ ଚାହିଁ ନାହାଁନ୍ତି । କ୍ରମାଗତ ତିନିଥର ଗୁଜରାଟର ମୁଖ୍ୟମନ୍ତ୍ରୀ ନିର୍ବାଚିତ ହେଲାପରେ ୨୦୧୪ରୁ ଭାରତର ପ୍ରଧାନମନ୍ତ୍ରୀରୂପେ କାର୍ଯ୍ୟ କରୁଛନ୍ତି । ଇତିମଧ୍ୟରେ ଶାସନ କ୍ଷମତାରେ ତାଙ୍କର କୋଡିଏବର୍ଷ ପୂର୍ଣ୍ଣ ହୋଇଛି । ଏକାଦିକ୍ରମେ କୋଡିଏବର୍ଷ କ୍ଷମତାରେ ରହିବା କମ ଗୌରବର କଥା ନୁହେଁ । ନିଜ ଶାସନକାଳରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ଓ କେତେକ ବିତର୍କିତ ନିଷ୍ପତ୍ତି ନେଇଛନ୍ତି । କୃଷକ ସମ୍ମାନ ନିଧି ଯୋଜନା, ସ୍ୱଚ୍ଛ ଭାରତ ଅଭିଯାନ, ଉଜ୍ଜଳା ଯୋଜନା ଓ ବିମୁଦ୍ରୀକରଣ ସେସବୁର ଏକ ଏକ ଉଦାହରଣ ।

ନରେନ୍ଦ୍ର ମୋଦୀ ନିଜର ବିଚାରଧାରାକୁ ନିଜସ୍ୱ ବକ୍ତବ୍ୟ ମାଧ୍ୟମରେ ଅତ୍ୟନ୍ତ ଦୃଢ଼ତାର ସହ ଓ ଅବିଶ୍ୱସନୀୟ ଢ଼ଙ୍ଗରେ ଜନସାଧାରଣଙ୍କ ଆଗରେ ଉପସ୍ଥାପନ କରିପାରନ୍ତି । ମନ୍ କୀ ବାତ୍ ହେଉ ଅଥବା ସଂସଦରେ ତାଙ୍କର ଅଭିଭାଷଣ ହେଉ ନିଜ ବାକ୍‌ଚାତୁରୀରେ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ସରକାରଙ୍କ କାର୍ଯ୍ୟକ୍ରମ, ଦଳୀୟ ବିଚାରଧାରା ଓ ସ୍ୱନିଷ୍ପତ୍ତିକୁ ସମାଜର ସବୁସ୍ତରରେ ପହଞ୍ଚାଇବାର ମାଧ୍ୟମକୁ ଉତ୍ତମ ରୂପେ ପ୍ରବନ୍ଧନ କରିବାର କଳା ତାଙ୍କୁ ବେଶ୍ ଜଣା । ଅଯୋଧ୍ୟାର ରାମ ଜନ୍ମଭୂମୀ ଭଳି ଏକ ସ୍ପର୍ଶକାତର ପ୍ରସଙ୍ଗକୁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ବଳରେ ଏପରି ଢ଼ଙ୍ଗରେ ସମାଧାନର ବାଟଫିଟାଇଲେ ଯେ ନିଜ ଦଳର ବିଚାରଧାରା ସ୍ଥାପିତ ହେଲା ଓ ଅପରପକ୍ଷ ବିରୋଧ କରିବାର ସୁଯୋଗ ପାଇଲେ ନାହିଁ । ଏହି ପ୍ରସଙ୍ଗରେ ସଂଖ୍ୟାଲଘୁ ସଂପ୍ରଦାୟର କିଛି କଠୋରପନ୍ଥୀ ଭିତରେ ଭିତରେ ଜଳିଲେ ସିନା ବାହାରକୁ ପରିପ୍ରକାଶ କଲେ ନାହିଁ ।

୨୦୧୪ ସାଧାରଣ ନିର୍ବାଚନରେ ପ୍ରଚଣ୍ଡ ଜନ ସମର୍ଥନ ପାଇ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ଭିତ୍ତିରେ କ୍ଷମତା ହାସଲ କରିଥିବା ମୋଦୀ ସରକାରଙ୍କ ପ୍ରଥମ ପାଞ୍ଚବର୍ଷରେ ନିଆଯାଇଥିବା ବିମୁଦ୍ରୀକରଣ, ତିନିତଲାକ ବିଲ ପ୍ରଣୟନ, ଟିକସ ସଂସ୍କାର ପାଇଁ ଜି.ଏସ୍.ଟି ଲାଗୁକରିବା ଆଦି ନିଷ୍ପତ୍ତିର ବିରୋଧ କରିବାକୁ ବିରୋଧିଦଳ ସାହସ ଜୁଟାଇ ପାରି ନଥିଲେ । ବିଶ୍ୱବ୍ୟାପୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱରେ ସଶକ୍ତ ଭାରତର ଛବି ସୃଷ୍ଟି ହେବାରେ ଲାଗିଥିଲା । ଲୋକସଭାରେ ପୂର୍ବ ନିର୍ବାଚନ ଅପେକ୍ଷା ଅଧିକ ଆସନ ପାଇ ଦ୍ୱିତୀୟ ଥର କ୍ଷମତା ହାସଲ କରିଥିବା ମୋଦି ସରକାର ଧାରା ୩୭୦ ଓ ୩୫ଏ ହଟାଇଦେଇ ଜାମ୍ମୁ କାଶ୍ମୀର ରାଜ୍ୟକୁ ଦୁଇଟି କେନ୍ଦ୍ର ଶାସିତ ପ୍ରଦେଶରେ ପରିଣତ କରିଦେଲେ । ଏହି ନିଷ୍ପତ୍ତି ଏତେ ଦୃତ ବେଗରେ ଓ ଯୋଜନାବଦ୍ଧ ଭାବରେ ହେଲା ଯେ ବିରୋଧିପକ୍ଷ ମଧ ଆଚମ୍ଭିତ ହୋଇଗଲେ । ବିରୋଧର ସ୍ୱର ଅତ୍ୟନ୍ତ ଧିମା ଓ ପ୍ରଭାବଶୂନ୍ୟ ରହିଥିଲା । ଦ୍ୱିତୀୟ ବିତର୍କିତ ନିଷ୍ପତ୍ତି ଥିଲା ନାଗରିକତା ସଂଶୋଧନ ଆଇନ ପାସ କରାଇବା । ଏହା ବିରୋଧରେ ଶାହିନବାଗ ଭଳି ଅନ୍ଦୋଳନ ବିରୋଧିଙ୍କ ପରୋକ୍ଷ ସମର୍ଥନରେ ଚାଲିଲା । ଆନ୍ଦୋଳନ ମାଧ୍ୟମରେ ସଂଖ୍ୟାଲଘୁ ସଂପ୍ରଦାୟ ମଧ୍ୟରେ ସରକାର ବିରୋଧି ଜନମତ ସୃଷ୍ଟି କରିବାକୁ ମୋଦି ବିରୋଧି ଗୋଷ୍ଠୀ ଚେଷ୍ଟା କଲେ । ଅନ୍ଦୋଳନ ଲମ୍ବା ଚାଲିଲା ଓ ସୁପ୍ରିମ କୋର୍ଟ ପର୍ଯ୍ୟନ୍ତ କଥା ଗଲା । ସଂଖ୍ୟାଗରିଷ୍ଠ ଜନସାଧାରଣଙ୍କ ସମର୍ଥନ ଅଭାବରୁ ହେଉ ଅଥବା କରୋନା ମହାମାରୀ ପ୍ରଭାବରୁ ହେଉ ଏହି ଆନ୍ଦୋଳନ ଥମିଗଲା । ତୃତୀୟ ଘଟଣା ଥିଲା କୃଷି ସଂସ୍କାର ବିଲ । ଦୀର୍ଘଦିନଧରି କୃଷି ସଂସ୍କାର ସପକ୍ଷରେ କୃଷିବିଶେଷଜ୍ଞ ଓ ଅର୍ଥନୀତିଜ୍ଞ ଯୁକ୍ତି ବାଢୁଥିଲେ ମଧ କୌଣସି ରାଜନୈତିକ ଦଳ ଏଭଳି ସ୍ପର୍ଶକାତର ବିଷୟରେ ହାତ ମାରିବାକୁ ଚାହୁଁ ନଥିଲେ । କିନ୍ତୁ ନରେନ୍ଦ୍ର ମୋଦୀ ସାହସିକତା ଦେଖାଇ ତିନୋଟି କୃଷି ସଂସ୍କାର ବିଲକୁ ସାଂସଦରେ ଗୃହୀତ କରାଇଲେ । ଏ ତିନୋଟି କୃଷି ଆଇନକୁ କୃଷକ ସଂଗଠନମାନେ ତୀବ୍ର ବିରୋଧ କରୁଥିବାବେଳେ ମୋଦୀ ନିଜ ଜିଦ୍‌ରେ ଅଟଳ ରହିଛନ୍ତି ।

କରୋନା ମହାମାରୀ ସମୟରେ ଦେଶକୁ ଏକ ଦକ୍ଷ ନେତୃତ୍ୱର ଆବଶ୍ୟକତା ଥିଲା । ଜନତା କର୍ଫ୍ୟୁ ହେଉ କି ସଂପୂର୍ଣ୍ଣ ଲକଡାଉନ ହେଉ ମୋଦୀ ସରକାର ଦୃଢ଼ତାର ସହ ଲାଗୁ କଲେ । ଲକ୍‌ଡାଉନ ଯୋଗୁଁ ସାଧାରଣ ଜନତା, ଶ୍ରମିକବର୍ଗ, ଛୋଟ ଛୋଟ ବ୍ୟବସାୟୀ, ଦୈନିକ ଆୟକାରୀ ଗୋଷ୍ଠୀ ଘୋର ଅସୁବିଧାର ସମ୍ମୁଖିନ ହେଲେ । ଦେଶର ଆର୍ଥିକ ଅବସ୍ଥା ଦୋହଲିଗଲା । ରୋଜଗାର, ବ୍ୟବସାୟ, ଉତ୍ପାଦନ, ପରିବହନ, ପର୍ଯ୍ୟଟନ ଆଦି ଅନେକ କ୍ଷେତ୍ର ପ୍ରଭାବିତ ହେଲା । ଲକ୍‌ଡାଉନର ଫଳାଫଳ ଯାହା ହେଉନା କାହିଁକି ତାକୁ କଡାକଡି ଭାବରେ ଲାଗୁକରିବା କେନ୍ଦ୍ର ସରକାରଙ୍କ ଏକମାତ୍ର ଲକ୍ଷ୍ୟ ହେଲା । କରୋନା ପରିଚାଳନା ସମ୍ବନ୍ଧୀୟ ସମସ୍ତ ନିଷ୍ପତ୍ତି କେନ୍ଦ୍ର ସରକାରଙ୍କ ଦ୍ୱାରା ବିଶେଷକରି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ନିୟନ୍ତ୍ରିତ ହେଉଥିଲା । ଏଥିରେ କେତେକ ରାଜ୍ୟସରକାର ଉତ୍‌କ୍ଷିପ୍ତ ହେଲେ । କିନ୍ତୁ ନରେନ୍ଦ୍ର ମୋଦୀ କୌଣସି କଥାକୁ ଭ୍ରୁକ୍ଷେପ ନ କରି ନିଜ ଯୋଜନା ମୁତାବକ ଆଗେଇ ଚାଲିଲେ । ଭାରତର ସଂଘୀୟ ଢ଼ାଞ୍ଚାର ଉଲ୍ଲଙ୍ଘନ, ସାଂପ୍ରଦାୟୀକ ଆଭିମୁଖ୍ୟ ନେଇ ପୋଲିସ ଅତ୍ୟାଚାର, ପିଏମ୍ କେୟାର ପାଣ୍ଠିର ଅପବ୍ୟବହାର ଭଳି ଅନେକ ଅଭିଯୋଗ ବିରୋଧିଦଳ ପକ୍ଷରୁ ଆସିଲା । ସର୍ବୋଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ରୁଜୁ ହେଲା । ତଥାପି ନରେନ୍ଦ୍ର ମୋଦୀ କରୋନା ମୁକାବିଲାରେ ନିଜ ନିଷ୍ପତ୍ତିରୁ ଇଞ୍ଚେ ଏପଟ ସେପଟ ହେଲେ ନାହିଁ ।

ଅଗଷ୍ଟ ୨୦୧୮ରେ ମୋଦୀ ସରକାର ଦଶଟି ବ୍ୟାଙ୍କକୁ ମିଶ୍ରଣ ନିଷ୍ପତ୍ତି ନେଲେ । ବ୍ୟାଙ୍କ କର୍ମଚାରୀ, ବିରୋଧ ଦଳ, ଶ୍ରମିକ ସଂଗଠନ ଏ ପ୍ରସ୍ତାବର ପ୍ରବଳ ବିରୋଧ କଲେ । ତଥାପି ମୋଦୀ ସରକାର ନିଜ ନିଷ୍ପତ୍ତିରେ ଅଟଳ ରହିଲେ । ପରିଣାମ ଯାହା ହେଉନା କାହିଁକି ଦୃଢ ଓ ତୁରନ୍ତ ନିଷ୍ପତ୍ତି ନେବାରେ ନରେନ୍ଦ୍ର ମୋଦୀ ପାରଙ୍ଗମ । ପ୍ରତିଦିନ ବିରୋଧିଙ୍କ ଅନେକ ଆକ୍ଷେପର ସମ୍ମୁଖିନ ହେଉଥିଲେ ସୁଦ୍ଧା ସିଧାସଳଖ କାହାକୁ ପ୍ରତ୍ୟୁତ୍ତର ଦିଅନ୍ତି ନାହିଁ । ବିରୋଧିଙ୍କ ଆକ୍ଷେପକୁ ଗୁରୁତ୍ୱ ନଦେବା ବା ଆଡେଇଯିବା ଦ୍ୱାରା ଆକ୍ଷେପଟି ଜନମାନସରେ ଗୌଣ ମନେହୁଏ । କିନ୍ତୁ ଠିକଣା ସମୟର ଉପଯୋଗକରି ନିଜ ବାକ୍‌ଚାତୁରୀ ମାଧ୍ୟମରେ ବିରୋଧିଙ୍କ ଆକ୍ଷେପର ଜବାବ ଏଭଳି ଢଙ୍ଗରେ ଦିଅନ୍ତି ଯେ ବିରୋଧିଙ୍କୁ ବୁଦ୍ଧିବାଟ ଦିଶେ ନାହିଁ । ଆଧୁନିକ ସୂଚନା ପ୍ରଯୁକ୍ତି ଜ୍ଞାନ କୌଶଳ ଓ ସାମାଜିକ ଗଣମାଧ୍ୟମର ସଠିକ ଉପଯୋଗ କରି ଜନସାଧାରଣଙ୍କ ସହ ସଂପର୍କ ଯୋଡିବାରେ ମୋଦୀ ସୁନିପୁଣ ।

ଭାରତୀୟ ବାୟୁସେନା ଦ୍ୱାରା ପାକିସ୍ଥାନର ବାଲାକୋଟଠାରେ ଥିବା ଆତଙ୍କବାଦୀଙ୍କ ଆଡ୍ଡାକୁ ଧ୍ୱଂସ କରାଯିବା ନିଶ୍ଚିତରୂପେ ଏକ ସାହସିକ ପଦକ୍ଷେପ ଥିଲା । ଏହି ଘଟଣାକୁ ୨୦୧୯ ସାଧାରଣ ନିର୍ବାଚନରେ ବିଜେପି ପକ୍ଷରୁ ଜୋରଦାର ପ୍ରଚାର କରାଗଲା । ମୋଦିଙ୍କ ନେତୃତ୍ୱରେ ଭାରତୀୟ ସେନାର ଏଭଳି ଆକ୍ରମଣ ପାକିସ୍ଥାନ ସମେତ ଅନ୍ୟ ପଡୋଶୀରାଷ୍ଟ୍ରକୁ ଏକ କଡ଼ାସନ୍ଦେଶ ଥିଲା । ବିରୋଧିଦଳ ଏ ପ୍ରସଙ୍ଗରେ ନିଜର ଆଭିମୁଖ୍ୟ କିଭଳି ହେବ ନିର୍ଣ୍ଣୟ କରି ନପାରି ବିତଣ୍ଡା ଯୁକ୍ତିମାନ କରିବାକୁ ଲାଗିଲେ, ଯାହାକି ମୋଦୀଙ୍କ ଦୃଢ଼ ଓ ସାହାସିକ ଛବିକୁ ଜନମାନସରେ ଅଧିକ ପ୍ରତିଷ୍ଠିତ କରାଇଲା ।

ନରେନ୍ଦ୍ର ମୋଦୀଙ୍କ ବିଦେଶ ଗସ୍ତକୁ ନେଇ ଅନେକ ସମାଲୋଚନା ହୁଏ । ଏହା ବ୍ୟକ୍ତିଗତ ପର୍ଯ୍ୟଟନ ପାଇଁ ଉଦ୍ଦିଷ୍ଟ ଓ ମୋଦୀଙ୍କ ଭ୍ରମଣ ବିଳାସ ବୋଲି ପ୍ରଶ୍ନ ଉଠେ । ପ୍ରଧାନମନ୍ତ୍ରୀ କିନ୍ତୁ ଏଭଳି ଅଭିଯୋଗକୁ ଆଡେଇଦେଇ ବିଭିନ୍ନ ବିଦେଶୀ ରାଷ୍ଟ୍ର ଗସ୍ତକରି ଭାରତସହ ବୈଦେଶିକ ସମ୍ବନ୍ଧକୁ ଦୃଢ଼ କରିବାରେ ଲାଗିଲେ । ଫଳରେ ସମଗ୍ର ବିଶ୍ୱରେ ଭାରତର ଏକ ନୂତନଛବି ସୃଷ୍ଟି ହେବାକୁ ଲାଗିଲା । ବିଶ୍ୱସ୍ତରରେ ମୋଦୀଙ୍କ ନେତୃତ୍ୱ ନେବାର ଦକ୍ଷତା ସ୍ୱୀକୃତି ଲାଭ କଲା । ବିଗତ ସାତବର୍ଷର ଶାସନକାଳରେ ମୋଦୀ ନିଜର ଏଭଳି ଏକ ଛବି ସୃଷ୍ଟି କରିପାରିଛନ୍ତି ଯେ ତାଙ୍କର ନିର୍ଦ୍ଦେଶବିନା ସରକାରରେ ପତ୍ରଟିଏ ବି ହଲେନାହିଁ । ସମଗ୍ର ଶାସନତନ୍ତ୍ର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ନିୟନ୍ତ୍ରିତ ହୁଏ । ତାଙ୍କର ବ୍ୟକ୍ତିତ୍ୱ ଆଗରେ ବିଜେପିର ବଡ ବଡ ମନ୍ତ୍ରୀ ନେତା ମଧ ନିଷ୍ପ୍ରଭ । ତାଙ୍କରି ନେତୃତ୍ୱରେ ଓ ବ୍ୟକ୍ତିଗତ ଛବିକୁ ଉପ ଯୋଗକରି ବିଜେପି ଗୋଟିଏ ପରେ ଗୋଟିଏ ନିର୍ବାଚନ ଜିତି ଆସୁଛି । ଏଣୁ ଦଳ ଓ ସରକାରରେ ମୋଦିଙ୍କ ଅଖଣ୍ଡ ପ୍ରଭାବ ବଳବତ୍ତର ରହିଛି । ରାଜ୍ୟସଭାରେ ଶାସକମେଣ୍ଟର ସଂଖ୍ୟାଗରିଷ୍ଠତା ନ ଥିବା ସତ୍ତେ ବିଭିନ୍ନ ଆଞ୍ଚଳିକ ଦଳସହ ଯୋଗାଯୋଗ ରକ୍ଷାକରି ଅନେକ ବିଧେୟକ ପାସ କରାଇବାରେ କେନ୍ଦ୍ର ସରକାର ସଫଳତା ପାଇଛନ୍ତି । ବିରୋଧିଦଳଙ୍କ ମଧ୍ୟରେ ବୈଚାରିକ ମତଭେଦ ଓ ଦଳୀୟସ୍ୱାର୍ଥକୁ ନେଇ ବିଭାଜନ ବିଜେପିକୁ ବେଶ ସୁହାଉଛି ।

ଦୀର୍ଘ କୋଡିଏ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ସାମ୍ବିଧାନିକ ପଦପଦବୀରେ ରହିବା କ୍ୱଚିତ୍ ରାଜନେତାଙ୍କ ଭାଗ୍ୟରେ ଜୁଟେ । କିନ୍ତୁ ଏ ସମୟ ମଧ୍ୟରେ ଦେଶ କ'ଣ ପାଇଲା, ତାହାର ଆକଳନ ହେବା ଜରୁରୀ । ଭାରତର ବିକାଶଧାରା ଉପରେ ନଜର ରଖୁଥିବା ଅନେକ ରେଟିଂ ଏଜେନ୍‌ସିଙ୍କ ଆକଳନ ଅନୁସାରେ ବିକାଶର ଅଧିକାଂଶ ପରିମାପକ ନିମ୍ନଗାମୀ ଥିବାବେଳେ ମୋଦୀଙ୍କ ଲୋକପ୍ରିୟତା କମିନାହିଁ । ଏହାର ଦୁଇଟି କାରଣ ହୋଇପାରେ । ପ୍ରଥମତଃ ଦେଶର ବିକାଶ ଅପେକ୍ଷା ନେତାଙ୍କ ଭାବମୂର୍ତ୍ତିକୁ ସୁରକ୍ଷିତ ରଖିବାକୁ ଭରପୂର ପ୍ରୟାସ ଚାଲିଛି । ଦ୍ୱିତୀୟରେ ଲୋକଙ୍କୁ ଏପରି ସ୍ୱପ୍ନ ବିଭୋରକରି ରଖାହୋଇଛି ଯେ ସତ୍ୟତା ଜାଣିବା ପାଇଁ ସେମାନେ ସୁଯୋଗ ପାଉନାହାନ୍ତି ।

**ପେଲେସଲାଇନ, ବଲାଙ୍ଗିର**
**ମୋ- ୯୪୩୭୦୯୩୨୪୮**

## ସଂପାଦକୀୟ

# ଶାରଦୀୟ ଅନୁଚିନ୍ତା

ଶାରଦୀୟ ଉତ୍ସବ ସମସ୍ତଙ୍କ ପାଇଁ ଆନନ୍ଦ, ଉଲ୍ଲାସ ତଥା ସମର୍ପଣର ପର୍ବ । ଏହି ଅବସରରେ ସାରା ଦେଶରେ ଘରେ ଘରେ ଉତ୍ସବ ପାଳନ ହୁଏ । କିନ୍ତୁ ସବୁଠାରୁ ବଡ଼ କଥା ହେଲା ଯେ, ମାନବ ସମାଜରୁ ଏବେ ବି ସଂପୂର୍ଣ୍ଣ ଭାବେ କରୋନା ହଟିନାହିଁ । ସଂକ୍ରମଣ ସଂଖ୍ୟା କମ୍ ହେଲେ ମଧ୍ୟ ଏବେ ବି ସଂକ୍ରମଣ ରହିଛି । ଏଥିପ୍ରତି ସାମାନ୍ୟ ବି ଅବହେଳା ହୁଏତ ଆମକୁ ପୁଣି ବିପଦ ମଧ୍ୟକୁ ଠେଲି ଦେଇପାରେ । ଏଣୁ ଶାରଦୀୟ ଉତ୍ସବ ସମୟରେ ଏଥିପ୍ରତି ସମସ୍ତେ ବିଶେଷ ଯତ୍ନବାନ ହେବା ଆବଶ୍ୟକ ନିହାତି । କେହି ବି ମୁହଁରେ ମାସ୍କ ଲଗାଇବା ଭୁଲିବା ଉଚିତ ନୁହେଁ । ସେପରି ସାମାଜିକ ଦୂରତା ରକ୍ଷା କରିବା ତଥା ବାରମ୍ବାର ସାନିଟାଇଜର୍ ବ୍ୟବହାର କରିବା ଏକାନ୍ତ ଅପରିହାର୍ଯ୍ୟ । ସାବୁନରେ ହାତ ଧୋଇବା ସହ ସଂକ୍ରମଣ ପ୍ରତି ବିଶେଷ ସଚେତନ ରହିବାକୁ ପଡ଼ିବ ।

ଅନେକ ବିଶେଷଜ୍ଞଙ୍କ ମତରେ କରୋନାର ତୃତୀୟ ତରଙ୍ଗ ଆସୁଛି । ଆମେ କରୋନାର ନୃଶଂସ ଉତ୍‌ପାତ୍ ସାମ୍ନା କରି ସାରିଛୁ । ଅନେକ ଚିହ୍ନା ମୁହଁଙ୍କୁ ଆମମାନଙ୍କଠାରୁ ଛଡ଼େଇ ନେଇଛି କରୋନା । ଏହି ଘଟଣାକୁ ଅଣଦେଖା କରିବା ଦ୍ୱାରା ପୁଣି ଆମେ ବିପଦକୁ ଡାକି ଆଣିବା ପରି ହୋଇପାରେ । ଏଣୁ ସରକାରଙ୍କ ଦ୍ୱାରା ଘୋଷିତ କରୋନା କଟକଣାକୁ ମାନି ପର୍ବପର୍ବାଣୀ ପାଳନ କରିବା ବିଧେୟ । ଅନ୍ୟଥା ଏଭଳି ଅଣଦେଖାଜନିତ ଆମର ପଦକ୍ଷେପ କରୋନାର ତୃତୀୟ ତରଙ୍ଗକୁ ଆମନ୍ତ୍ରଣ କରି ଆଣିପାରେ ।

ଏହା ନିରାଟ ସତ୍ୟ ଯେ, କରୋନାର ପ୍ରଥମ ଏବଂ ଦ୍ୱିତୀୟ ଲହର ସମୟରେ ଅନେକ ମୂଲ୍ୟବାନ ଜୀବନ ଓ ଧନ ଧ୍ୱଂସ ହୋଇଯାଇଛି । କିଏ ନିଜ ବନ୍ଧୁ ପରିଜନ, ସ୍ୱକୀୟ ମଣିଷଙ୍କୁ ହରାଇଛି ତ' କିଏ ଜୀବିକା ହରାଇ ଦାଣ୍ଡକୁ ଓହ୍ଲାଇ ଆସିଛି । ଏବେ ଏବେ କରୋନା ସଂକ୍ରମଣ ଟିକିଏ ହାଲୁକା ହେବାରେ ଲାଗିଛି । କରୋନାକୁ ଆମ ସମାଜରୁ ହଟାଇବାକୁ ହେଲେ ଆମକୁ ବିଶେଷ ଯତ୍ନବାନ ହେବା ଏକାନ୍ତ ବିଧେୟ । ଜୀବନ ଥିଲେ ଆଗାମୀ ସମୟରେ ଆମେ ଆମର ପ୍ରିୟ ପର୍ବପର୍ବାଣୀକୁ ମନଭରି ଉପଭୋଗ କରିପାରିବା । ଏଣୁ ସମସ୍ତେ କରୋନା ପ୍ରତି ସଚେତନ ହେବାକୁ ଆସନ୍ତୁ ପ୍ରତିଜ୍ଞା କରିବା ।

# ନବରାତ୍ରିର ନବମ ଦିନରେ ପୂଜା ପାଆନ୍ତି ମା' ସିଦ୍ଧିଦାତ୍ରୀ

ନବରଙ୍ଗପୁର, (ନିପ୍ର) : କୋଷାଗୁମୁଡା ସଦର ମହକୁମା, ଦୁରାଗାଁ, କୋଡ଼ିଙ୍ଗା, ବଡ଼ଆମ୍ବଡାଠାରେ ଉତ୍ସବ ଓ ଉତ୍ସାହର ସହ ଚାଲିଛି ଜଗତ ଜନନୀ ମା' ଦୁର୍ଗାଙ୍କର ପୂଜା । ଆଜି ମାଆ ଦୁର୍ଗାଙ୍କ ମହାନବମୀ ପୂଜା । ସ୍ୱତନ୍ତ୍ର ରୀତିନୀତି ଅନୁସାରେ କରୋନା କଟକଣା ଭିତରେ ମହାମାୟୀଙ୍କ ପୂଜାର୍ଚ୍ଚନା ଚାଲିଛି । ମା' ଦୁର୍ଗାଙ୍କ ନବମ ଶକ୍ତିର ଉର୍ଜ୍ଜାରୁ ଜନ୍ମ ନେଇଛନ୍ତି ମା' ସିଦ୍ଧିଦାତ୍ରୀ । ସବୁ ପ୍ରକାରର ସିଦ୍ଧିକୁ ଆଶୀର୍ବାଦ ସ୍ୱରୁପ ଦେଉଥିବା ମା' ମହାମାୟାଙ୍କୁ ନବରାତ୍ରୀର ମହାନବମୀ ଦିନ ଉପାସନା କରାଯାଏ । ଏହି ଦିନ ଶାସ୍ତ୍ରୀୟ ବିଧି-ବିଧାନ ଏବଂ ପୂର୍ଣ୍ଣ ନିଷ୍ଠାର ସହ ସାଧନା କରିବା ଦ୍ୱାରା ନାନାଦି ପ୍ରକାର ସିଦ୍ଧି ପ୍ରାପ୍ତି ହୁଏ । ଦେବୀ ନାନା ପ୍ରକାର ଅଳଙ୍କାର, ମୁକୁଟ ସହିତ ଖଣ୍ଡା, ଖର୍ପର, ବର୍ଛା ଇତ୍ୟାଦି ଅସ୍ତ୍ରଶସ୍ତ୍ର ଧାରଣ କରିଛନ୍ତି । ଦେବୀ ସିଂହ ଉପରେ ବିରାଜମାନ କରିଥାନ୍ତି । ଦେବୀଙ୍କ ଦୁଇ ପାର୍ଶ୍ୱରେ ଲକ୍ଷ୍ମୀ, ସରସ୍ୱତୀ, ଗଣେଶ ଆଦି ମୂର୍ତ୍ତି ଶୋଭା ପାଉଛନ୍ତି । ଏଥି ସହିତ ପୂଜାମଣ୍ଡପଗୁଡ଼ିକ ଫୁଲ, ସୋଲ କାରୁକାର୍ଯ୍ୟ ଏବଂ ଚିକ୍ ମିକ୍ ଆଲୋକ ମାଳାରେ ସୁସଜ୍ଜିତ ହୋଇଛି । ମା' ଦୁର୍ଗାଙ୍କର ପୂଜା ମଣ୍ଡପରେ ପଣ୍ଡିତଙ୍କ ବେଦମନ୍ତ୍ର ସାଙ୍ଗକୁ ଚଣ୍ଡୀପାଠରେ ଭକ୍ତିମୟ ହେଉଛି ପୁରା ପରିବେଶ ।

# ବେଙ୍ଗାଲୁରୁରେ ଓଡ଼ିଆ ସାମାଜିକ ସଂସ୍କୃତି କଲ୍ୟାଣ ସଂଗଠନ ଓପିସିର ନୂତନ କର୍ମକର୍ତ୍ତା ନିର୍ବାଚିତ

ବ୍ରହ୍ମପୁର, (ନିପ୍ର) : ବେଙ୍ଗାଲୁରୁଠାରେ ଓଡ଼ିଆ ସାମାଜିକ ଓ ସଂସ୍କୃତି କଲ୍ୟାଣ ସଂଗଠନ ତଥା ଓଡିଶା ପୂଜା କମିଟି (ଓପିସି)ର ନୂତନ କର୍ମକର୍ତ୍ତା ନିର୍ବାଚନ ସର୍ବସମ୍ମତି କ୍ରମେ ଅନୁଷ୍ଠିତ ହୋଇଯାଇଛି । ବାଙ୍ଗାଲୁରୁର ପୁରାତନ ସଂଗଠନ "ଓଡିଶା ପୂଜା କମିଟି(ଓପିସି )"ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ଉପସଭାପତି ଭାବେ ପ୍ରଣୟ ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ସାଧାରଣ ସମ୍ପାଦକ ଭାବେ ଅନୁଷ୍ଠାନର ଯୁବ ସଭ୍ୟ ହିମାଂଶୁ ମହାପାତ୍ର ନିର୍ବାଚିତ ହୋଇଛନ୍ତି । ଓଡିଶା ପୂଜା କମିଟି (ଓପିସି)ର ନୂଆକରି ଗଠନ କରାଯାଇଥିବା ମହିଳା ଶାଖାର ଉପସଭାନେତ୍ରୀ ଭାବେ ନମିତା ସାମନ୍ତରା ମନୋନୀତ ହୋଇଛନ୍ତି । ଅନୁଷ୍ଠାନର କୋଷାଧ୍ୟକ୍ଷ ଭାବେ ଧୀରେନ୍ଦ୍ର ଧଳ ମନୋନୀତ ହୋଇଛନ୍ତି । ଏହା ବ୍ୟତିତ ଅନୁଷ୍ଠାନର ଅନ୍ୟ କର୍ମକର୍ତ୍ତାମାନେ ପ୍ରିୟବ୍ରତ ଦାସ, ଯୁଗ୍ମ-ସମ୍ପାଦକ (ସାଂସ୍କୃତିକ), ପ୍ରଭୁଦତ୍ତ ଧଳ ଯୁଗ୍ମ ସମ୍ପାଦକ(ଗଣମାଧ୍ୟମ ଓ ସୂଚନା- ପ୍ରସାର), ସୌମ୍ୟରଞ୍ଜନ ମହାନ୍ତି ଯୁଗ୍ମ-ସମ୍ପାଦକ(ସାମାଜିକ କାର୍ଯ୍ୟ), ଅଜିତ ପଣ୍ଡା ଯୁଗ୍ମ ସମ୍ପାଦକ (ପୂଜା ଆସର ଓ ପାର୍ବଣ), ଚିନ୍ମୟ ମହାନ୍ତି ଯୁଗ୍ମ ସମ୍ପାଦକ(ଲୋକ ସମ୍ପର୍କ), ବିନୟ ସାହୁ ଯୁଗ୍ମ ସମ୍ପାଦକ(ଯୋଗାଯୋଗ), ସୁସ୍ମିତା ପଣ୍ଡା ମହିଳା ଶାଖାର ଯୁଗ୍ମ ସମ୍ପାଦକ(ସାମାଜିକ କାର୍ଯ୍ୟ), ଦେବାନନ୍ଦ ସାହୁ ଉପକୋଷାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି । ଏହା ବ୍ୟତୀତ କାର୍ଯ୍ୟକାରୀ ସଦସ୍ୟ ଭାବେ ପ୍ରଶାନ୍ତ ବର୍ଦ୍ଧନ, ଦେବାଶିଷ ସାହୁ, ସ୍ନେହାଶିଷ ମଲିକ, ନଳିନୀ ବେହେରା, ସୁଜିତ ଦାସ, ଜୟଦେବ ଜେନା, ଚିତ୍ତ ମହାନ୍ତି, ରାଜେନ୍ଦ୍ର ପ୍ରସାଦ, ଦୀପକ କୁମାର, ଅଲିଭ ତ୍ରିପାଠୀ, ଜଗତ ପଟ୍ଟନାୟକ, ସଂଗ୍ରାମ ମହାନ୍ତି, ଓମ୍ ପ୍ରସାଦ ମହାପାତ୍ର, ସନ୍ତୋଷ ବେହେରା, ସ୍ୱୟଂ ପ୍ରକାଶ ପଣ୍ଡା ଏବଂ ପ୍ରତାପ ବାରିକ ପ୍ରମୁଖ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି । ସେହିପରି ମହିଳା ଶାଖାର କାର୍ଯ୍ୟକାରୀ ସଦ୍ୟସା ଭାବେ ଆଶାରାଣୀ ସାହୁ, ଜୁଏଲ ପଣ୍ଡା, ଖୁସୀ ଧଳ, ଜ୍ୟୋତିଶ୍ରୀ ରାମ ଓ ସ୍ମୃତିଶିଖା ପଣ୍ଡା ମନୋନୀତ ହୋଇଛନ୍ତି । ପବିତ୍ର ଦଶହରା ପର୍ବ ସମାରୋହ ଅବସରରେ ନୂତନ କର୍ମକର୍ତ୍ତାମାନଙ୍କର ନାମ ଓ ଦାୟିତ୍ୱକୁ ସଂଗଠନର ଉପଦେଷ୍ଟା ନିହାର ସମାନ୍ତରା ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ ।

# ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ନୃସିଂହନାଥରେ ସ୍ୱଚ୍ଛତା କାର୍ଯ୍ୟକ୍ରମ




ପଦ୍ମପୁର, (ନିପ୍ର) : ବରଗଡ ଜିଲ୍ଲା ପଦ୍ମପୁର ଉପଖଣ୍ଡ ପାଇକମାଲର ନୃସିଂହନାଥ ମନ୍ଦିର ପରିସରରେ ଆଜି କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଭାରତ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ନେହେରୁ ଯୁବ କେନ୍ଦ୍ର ବରଗଡର ସ୍ୱେଚ୍ଛାସେବୀମାନେ ପ୍ଲାଷ୍ଟିକ ଓ ଆବର୍ଜନା ସଫା କରିଥିଲେ । ପଦ୍ମପୁର ପୂର୍ବତନ ବିଧାୟକ ତଥା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ, ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ପାଦକ ମନୋଜ ତ୍ରିବେଦୀ, ସମାଜସେବୀ ବଡ ଶତପଥୀ, ପାଇକମାଲ ସାଂସଦ ପ୍ରତିନିଧି ବଳରାମ ସାହୁ, ବିଜେପି ବରଗଡ ଜିଲ୍ଲା ଉପସଭାପତି ସରୋଜ ସାମଲ, ବରିଷ୍ଠ ସେବାୟତ ସୁବୋଧ ପଣ୍ଡା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ପତାକା ଦେଖାଇ କାର୍ଯ୍ୟକ୍ରମକୁ ଆରମ୍ଭ କରି ନିଜସ୍ୱ ମତବ୍ୟକ୍ତ ରଖିଥିଲେ । ବରଗଡ ଯୁବ କେନ୍ଦ୍ର ଅଧିକାରୀ ରୋଶନ ଟଣ୍ଡନ ଓ ଉପଦେଷ୍ଟା କମିଟିର ସଭ୍ୟ ତ୍ରିଲୋଚନ ଶତପଥୀ କାର୍ଯ୍ୟକ୍ରମ ବିଷୟରେ ଦିଗ୍‌ଦର୍ଶନ ଦେଇଥିଲେ । ମନ୍ଦିର ପଛପଟେ ଥିବା ଝରଣା, ଗୋକୁଣ୍ଡ ଘାଟ, ଦୋକାନ ଏରିଆ, ବସଷ୍ଟାଣ୍ଡ, ଗେଷ୍ଟ ହାଉସ୍ ଅଂଚଳକୁ କର୍ମକର୍ତ୍ତାମାନେ ସଫା କରି ପ୍ଲାଷ୍ଟିକ ସାମଗ୍ରୀ ଓ ଆବର୍ଜନାକୁ ବସ୍ତାରେ ପୁରାଇ ବରଗଡକୁ ନିଜ ଗାଡ଼ିରେ ନେଇଥିଲେ । ସଫେଇ କାର୍ଯ୍ୟକ୍ରମରେ ପ୍ରୀତି ପ୍ରଧାନ, ବର୍ଷା ଦେବୀ, ଦୁର୍ଯ୍ୟୋଧନ ପାଣ୍ଡେ, ବିଜୟ ହୋତା, ରଜତ ପଧାନ, ଦୋଳଗୋବିନ୍ଦ ବାରିକ ତୁଷାର ଭୋଇ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର ପରିସରକୁ ନେହେରୁ ଯୁବ କେନ୍ଦ୍ର ବରଗଡ ତରଫରୁ ସଫା ସୁତୁରା କରି ଆବର୍ଜନାକୁ ନ ପକାଇ ବସ୍ତାରେ ପୁରାଇ ନେଇ ଯାଇଥିବାରୁ, କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଶାଳ କାଠ ସହ ପିକଅପ୍ ଭ୍ୟାନ ଜବତ



ମ.ରାମପୁର, (ନପ୍ର) : କଳାହାଣ୍ଡି ଜିଲ୍ଲା ମ.ରାମପୁର ରେଞ୍ଜ ଅନ୍ତର୍ଗତ ଚନ୍ଦନପିଣ୍ଡା ଗାଁ ନିକଟରେ ଗତକାଲି ବିଳମ୍ବିତ ରାତିରେ ମ.ରାମପୁର ବନ ବିଭାଗ ପକ୍ଷରୁ ପେଟ୍ରୋଲିଂ କରୁଥିବା ସମୟରେ ସନ୍ଦେହରେ କାଠ ଚୋରା ଚାଲାଣ ହେଉଥିବା ଏକ ପିକ ଅପ୍ ଭ୍ୟାନ ଗାଡ଼ି ନଂ.ଓଆର୦୮-ଏଫ-୫୪୮୬କୁ ଚଢାଉ କରାଯାଇଥିଲା । ପରେ ଗାଡ଼ିରୁ ୩୦ଖଣ୍ଡ ଶାଳ କାଠ ସହ ପିକ୍ ଅପ୍ ଭ୍ୟାନ ଜବତ କରିଥିଲା ବନବିଭାଗ । ତା’ ସହିତ ଗାଡ଼ି ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

ଗିରଫ ଗାଡ଼ି ଚାଳକ ଜଣକ ହେଲେ କେସିଙ୍ଗା ବ୍ଲକର ଉତ୍‌କେଲା ଗ୍ରାମର କୁଞ୍ଜ ନାଗ ବୋଲି ଜଣାପଡିଛି । ଏହି ଚଢାଉରେ ରେଞ୍ଜର ଅସିତ କୁମାର ଦାସ, ଫରେଷ୍ଟର ରମେଶ ଚନ୍ଦ୍ର ବାଗ, ଦୀପକ ସା’, ବାଳକୃଷ୍ଣ ଜାଲ ସାମିଲ ଥିଲେ ।

# ଜାତୀୟ ଡାକଘର ସପ୍ତାହ ପାଳନ ଅବସରରେ ଡାକ ଟିକଟ ପ୍ରଦର୍ଶନ, ସେମିନାର ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ




ବ୍ରହ୍ମପୁର, (ନିପ୍ର) : ଛତ୍ରପୁର ସ୍ଥିତ ଶାନ୍ତି ନଗର ନେତାଜୀ ଯୁବକସଙ୍ଘ କମ୍ୟୁନିଟି ହଲ୍‌ରେ ଜାତୀୟ ଡାକ ସପ୍ତାହ ପାଳନ ଅବସରରେ ଡାକ ଟିକଟ ପ୍ରଦର୍ଶନ ଏବଂ ଡାକ ସଂଗ୍ରହ ସମ୍ପର୍କିତ ସେମିନାର ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ଡାକ ସେବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ଡାକ-ଟିକଟ ସଂଗ୍ରହରୁ ଉପଲବ୍ଧ ହେଉଥିବା ମୌଳିକ ଜ୍ଞାନ ସମ୍ବନ୍ଧରେ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା କଲେଜ ସ୍ତରୀୟ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଗଣେଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନସର ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ଡାକ ମଣ୍ଡଳର ବରିଷ୍ଠ ଡାକ ଅଧିକ୍ଷକ ତାରିଣୀ ଚରଣ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସହକାରୀ ଡାକ ଅଧିକ୍ଷକ ମନୋଜ କୁମାର ବେହେରା, କିରଣମାଳା ପଣ୍ଡା, ଛତ୍ରପୁର ପ୍ରେସ କ୍ଲବ ସଭାପତି ପ୍ରଶାନ୍ତ କୁମାର ମହାରଣା, ପ୍ରେସ କ୍ଲବ ସହସମ୍ପାଦକ କେ. ସତ୍ୟ ନାରାୟଣ ରେଡ୍ଡି, ଗଣେଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନସ୍‌ର ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ । ଡାକ ଟିକଟ ସଂଗ୍ରହ ଦ୍ୱାରା ୩ଇ ଅର୍ଥାତ ଏଜୁକେସନ, ଏଣ୍ଟରଟେଣ୍ଟମେଣ୍ଟ, ଅରନିଙ୍ଗ ଆଦି ତିନୋଟି ଲକ୍ଷ୍ୟ ସାଧନ ନେଇ ଡାକ କର୍ତ୍ତୃପକ୍ଷ ବର୍ଣ୍ଣନା କରିଥିଲେ । ଏହି ଅବସରରେ ଆୟୋଜିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ପଣ୍ଡିତ ନୀଳକଣ୍ଠ ଉତ୍କଳ ଏକାଡେମୀ ମହାବିଦ୍ୟାଳୟ ପ୍ରଭୃତି ଅନୁଷ୍ଠାନର ପ୍ରାୟ ଏକଶହ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଉପସ୍ଥିତ ଡାକ ଅଧିକାରୀ ଶ୍ରୀ ବେହେରା ଓ ଶ୍ରୀମତୀ ପଣ୍ଡା ଡାକଘର କିଭଳି ତାର ମୂଳ ଡାକ ସେବା ସହ ଅଧୁନା ଗୋଟିଏ ଛାତ ତଳେ ବ୍ୟାଙ୍କିଙ୍ଗ ସେବା, ବୀମା, ଆଧାର ସଂଶୋଧନ ଓ ପଞ୍ଜିକରଣ, କମନ ସର୍ଭିସ ସେଣ୍ଟର ସେବା, ରେଳ ଟିକଟ ବୁକିଙ୍ଗ ସେବା ଯୋଗାଉଥିବାରୁ ଛାତ୍ରଛାତ୍ରୀମାନେ ଦେଶର ସର୍ବବୃହତ ତଥା ପୁରାତନ ସଂସ୍ଥା ସହ ତରୁଣ ବୟସରୁ ଏ କ୍ଷେତ୍ରରେ ଜଡିତ ହେବାକୁ ଆହ୍ୱାନ ଦେଇଥିଲେ । ପ୍ରେରଣା ଦେଇଥିଲେ । ଆୟୋଜିତ ପ୍ରତିଯୋଗିତାରେ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଛାତ୍ର ଦୀପକ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପି. ଶ୍ରୀନିବାସ ସେନାପତି, ମୃତ୍ୟୁଞ୍ଜୟ ନାହାକ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ଓ ସମ୍ମାନୀତ ହୋଇଥିବା ବେଳେ ବି. ସିଦ୍ଧାର୍ଥ ଓ ନଳିନୀ ଶାସମଲଙ୍କୁ ଉକ୍ତ ପରୀକ୍ଷାରେ ଉନ୍ନତ ପ୍ରଦର୍ଶନ ପାଇଁ ସମ୍ମାନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବ୍ରହ୍ମପୁର ଡାକ ମଣ୍ଡଳର ବିଜିନେସ ସଂଯୋଜକ ଗୌର ହରି ପଣ୍ଡା ପରିଚାଳନା କରିଥିଲେ । ଦେବରାଜ ନାୟକ, ଘନଶ୍ୟାମ ବେହେରା, ରଶ୍ମିରଂଜନ ମହାପାତ୍ର, ଭଗବାନ ସେଠୀ ପ୍ରମୁଖ ସହଯୋଗ କରିଥିଲେ ।

# କରୋନା କଟକଣା ପାଇଁ ଶାରଦୀୟ ଦୁର୍ଗାପୂଜା ଫିକା ପଡିଲା



ଡେଲାଙ୍ଗ, (ନିପ୍ର) : ପାର୍ବଣ ଋତୁରେ ଚଳିତ ବର୍ଷ କୋଭିଡ କଟକଣା ଲାଗୁ ହୋଇଥିବାରୁ ଡେଲାଙ୍ଗ ବ୍ଲକର ବିଭିନ୍ନ ପୂଜା ମଣ୍ଡପରେ ସେଭଳି ଲୋକଙ୍କ ସମାଗମ ପରିଲକ୍ଷିତ ହେଉନାହିଁ ।

ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ବଜାର ଓ ପୁରପଲ୍ଲୀରେ ଲୋକଙ୍କ ଭିଡ଼ ଜମିବା ସହ ଚିତ୍ତାକର୍ଷକ ତୋରଣ ସାଙ୍ଗକୁ ଆଖି ଝଲସିବା ଭଳି ଆଲୋକମାଳାରେ ପୂଜାମଣ୍ଡପଗୁଡିକ ଝଲସି ଉଠି ଦର୍ଶକମାନଙ୍କୁ ବିମୋହିତ କରୁଥିବା ବେଳେ ଚଳିତ ବର୍ଷ ଦୁର୍ଗାପୂଜା ଫିକା ପଡିଛି । କୋଭିଡ ନିୟମ ଅନୁଯାୟୀ ପୂଜାମଣ୍ଡପଗୁଡିକର ତିନିପାର୍ଶ୍ୱ ବନ୍ଦ କରାଯାଇଥିବା ବେଳେ କେବଳ ସମ୍ମୁଖ ଭାଗ ସାମାନ୍ୟ ଖୋଲାଯାଇ ମା’ଙ୍କ ନୀତିକାନ୍ତି ଓ ପୂଜାର୍ଚ୍ଚନା କରାଯାଉଛି । ଡେଲାଙ୍ଗ ଷ୍ଟେସନ ବଜାରରେ ପ୍ରଭାତ କ୍ଲବ ପକ୍ଷରୁ ମା’ ଦୁର୍ଗାଙ୍କ ମହାଷ୍ଟମୀ ପୂଜା ଯଥାବିଧି ପାଳନ କରାଯାଉଛି । ସେହିପରି ଡେଲାଙ୍ଗ ହାଟ ବଜାର, ଇନ୍ଦିପୁର ବଜାର, କଲ୍ୟାଣପୁର ବଜାର, ଘୋରଡିଆ ଓ ହରିରାଜପୁରରେ ଦୁର୍ଗାପୂଜା ଉତ୍ସବ କୋଭିଡ କଟକଣା ମଧ୍ୟରେ ଶାନ୍ତିଶୃଙ୍ଖଳାର ସହ ପାଳିତ ହେଉଛି । ଡେଲାଙ୍ଗ ଥାନାଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ପୁଲିସ ଦଳ ବିଭିନ୍ନ ପୂଜାମଣ୍ଡପ ବୁଲି ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଛନ୍ତି ।

# ଘୁନସରରେ ଶାରଦୀୟ ଦୁର୍ଗାପୂଜା



ସଇଁନ୍ତଲା, (ନିପ୍ର) : ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକ ଘୁନସର ଗାଁର ସ୍ଥାନୀୟ ହାଟପଦା ନିକଟରେ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ କରୋନା କଟକଣା ମଧ୍ୟରେ ନିଡାମ୍ବର ଭାବରେ ମା’ ଦୁର୍ଗା ପୂଜା ପାଉଛନ୍ତି । ଧ୍ରୁବ ଚରଣ ବେହେରା ଓ ତାଙ୍କ ଧର୍ମ ପତ୍ନୀ ପୂଜାରେ କର୍ତା ଭାବେ ରହିଥିବା ବେଳେ ମୁଖ୍ୟ ପୂଜକ ଗୋବର୍ଦ୍ଧନ ତ୍ରିପାଠୀ, ହେମନ୍ତ ଷଡ଼ଙ୍ଗୀ ପୂଜା କାର୍ଯ୍ୟରେ ଦାୟିତ୍ୱ ନିର୍ବାହ କରୁଛନ୍ତି । ବବ୍ଲୁ ରଣା, ସୁବର୍ଣ୍ଣ ରଣା, ମଙ୍ଗୁଲୁ ପସାୟତ, ସମବିତ ରଣା, ଜିତୁ ସାହୁ, ବାବୁଲାଲ ଭୋଇ ପୂଜା ମଣ୍ଡପରେ ସହଯୋଗ କରିଛନ୍ତି । କମିଟିର ସଭାପତି ସନ୍ତୋଷ ବେହେରା, ଉପସଭାପତି ବିମଳ ବେହେରା, ସମ୍ପାଦକ ଚମ୍ପୁ ଲାଲ ରଣା (ସାନ), କୁଶ ରଣା, ନନ୍ଦୁ ରାଜ ରଣା, ନାଥ ପଧାନ, ଦିନବନ୍ଧୁ ପସାୟତ, ଟୁକୁ ବାଗ, ରଞ୍ଜନ ସେଠ, ଲାଲୁ ରଣା, ଅବନୀ କାନ୍ତ ମହାପାତ୍ର, ତୁଳସୀ ଦାସ ଗହୀର, ପିଙ୍କୁ ରଣା ସମେତ ଗ୍ରାମବାସୀ ସହଯୋଗ କରିଛନ୍ତି ।

# ପୋଲିସ ସହ ଅଭିଯୁକ୍ତ ମୁହାଁ ମୁହିଁ : ଫୁଟିଲା ଗୁଳି



ରାଉରକେଲା, (ନିପ୍ର) : ପ୍ଲାଣ୍ଟ ସାଇଡ ଥାନା ରେଳବାଇ କଲୋନୀ ରିମ ଝିମ ବସ୍ତିରେ ଗତ ଗଣେଶ ପୂଜାରେ ହୋଇଥିବା ଜିତେନ୍ଦ୍ର ସାଏ ଓରଫ୍ ଗୋରେକୁ ଗୁଳି କରି ହତ୍ୟା କରିଥିବା ଅଭିଯୋଗରେ ପୂର୍ବରୁ ଛଅ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ରାଉରକେଲା ପୋଲିସ, ଗୋରେ ହତ୍ୟାକାଣ୍ଡରେ ଏବେ ପର୍ଯ୍ୟନ୍ତ ଅନେକ ଅପରାଧୀ ଫେରାର ଅଛନ୍ତି । ଫେରାର ଥିବା ମୁସ୍ତାକ ହେଉଛି ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ । ଖବର ପାଇ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ବଡି ଭୋରରେ ପହଞ୍ଚି ଥିଲା ବିଶ୍ରା ମଣ୍ଡପ ଛକରେ । ପୋଲିସକୁ ଦେଖି ମୁସ୍ତାକ ପୋଲିସ ଉପରକୁ ଗୁଳି ଫାଇରିଂ କରିଥିଲା । ପୋଲିସ ତରଫରୁ ପାଲଟା ଆକ୍ରମଣ କରାଯାଇଥିବା ବେଳେ ପୋଲିସର ଏହି ଏନକାଉଣ୍ଟରରେ ଦୁଇ ଅପରାଧୀ ମୁସ୍ତାକ ଆଲମ ଓ ମହମ୍ମଦ ଗୁଡ୍ଡୁଙ୍କ ଗୋଡରେ ଗୁଳି ବାଜିଛି । ଗୁରୁତର ଅବସ୍ଥାରେ ଦୁଇ ଜଣଙ୍କୁ ଘଟଣା ସ୍ଥଳରୁ ପୋଲିସ ଉଠାଇ ପ୍ରଥମେ ରାଉରକେଲା ସରକାରୀ ଡାକ୍ତରଖାନାକୁ ଅଣି ପରେ ପରିସ୍ଥିତି ଜଟିଳ ହେବାରୁ ବୁର୍ଲାକୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି ।

ସୂଚନା ମତେ ମୁସ୍ତାକର ଘର ରାଉରକେଲା ନାଳା ରୋଡ଼ର ଭାଟି ରୋଡ଼ ହୋଇଥିବା ବେଳେ ମହମ୍ମଦ ଗୁଡ୍ଡୁର ଘର ରାଉରକେଲା ମାଲଗୋଦାମ ଅଂଚଳରେ ବୋଲି ଜଣାପଡିଛି । ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ତନାଘନା କରୁଛି ପୋଲିସ ।

# ରଜାମୁଣ୍ଡା ଗ୍ରାମରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ଭୁଡିଆରବାହାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ରଜାମୁଣ୍ଡା ଗ୍ରାମରେ ଶ୍ରୀ ଶ୍ରୀ ରାଧାକ୍ରିଷ୍ଣା ସଂକୀର୍ତ୍ତନ୍ୟ ମଣ୍ଡଳୀ ଦ୍ୱାରା ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଇକେଡା ହାଇସ୍କୁଲର ପ୍ରଧାନ ଶିକ୍ଷକ କୁଳମଣି ଯୋଶୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ଅଧ୍ୟାପକ ମାନସ ରଂଜନ ସାହୁ, ଅନିମେଶ ଦାଶ, ରଂଜିତ କୁମାର ପଟେଲ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମଞ୍ଚପରିଚାଳନା କରିଥିଲେ ଜ୍ଞାନେଶ୍ୱର ପାଣିଗ୍ରାହୀ ଓ ପ୍ରେମାନନ୍ଦ ବରୱା । ରସରକେଲି, ଡାଲଖାଇ ଗୀତ ଓ ନାଚ ସହ ଲୋକକଳାକାର ଡିଙ୍ଗର ଠେଲା ଏବଂ ରାଧାକ୍ରିଷ୍ଣା ସଂକୀର୍ତ୍ତନ ମଣ୍ଡଳୀର କଳାକାରମାନଙ୍କ ଦ୍ୱାରା ମଞ୍ଚ ଦୁଲୁକି ଉଠିଥିବା ବେଳେ ମଣ୍ଡଳୀର ମେନେଜର ସନ୍ୟାସୀ ବରୱା, ଭଗବତ ପୁଟେଲ, ରମେଶ ଚନ୍ଦ୍ର ବରୱା, ଉମେଶ ଚନ୍ଦ୍ର ବରୱା ସହଯୋଗ କରିଥିଲେ । ଶେଷରେ ରଞ୍ଜିତ କୁମାର ପଟେଲ ଧନ୍ୟବାଦ ଦେଇଥିଲେ ।

# ଖଡ଼ିଆଳ ରାଜପ୍ରସାଦ ପାଟଖଣ୍ଡାଙ୍କ ଖଣ୍ଡା ଧୁଆ ଯାତ୍ରା

ନୂଆପଡ଼ା, (ନିପ୍ର) : ନୂଆପଡ଼ା ଜିଲ୍ଲା ଖଡ଼ିଆଳ ରାଜ ପ୍ରସାଦରେ ପଟଖଣ୍ଡା ପୂଜା ପାଉଥିବା ବେଳେ ପବିତ୍ର ଦଶହରା ପର୍ବରେ ପଟଖଣ୍ଡାଙ୍କ ଖଣ୍ଡା ଧୁଆଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆଶ୍ୱିନ ମାସ ପବିତ୍ର ସପ୍ତମୀ ତିଥିରେ ପଟଖଣ୍ଡାଭେଟ ପଲିଙ୍କିରେ ବିଜେ କରି ସେବାୟତମାନଙ୍କ ଦ୍ୱାରା ଖଡ଼ିଆଳ ବିଶିବନ୍ଧଙ୍କୁ ଯାଇଥାନ୍ତି । ସେଠାରେ ଚାରି ଗୋଟି ଖଣ୍ଡାଙ୍କୁ ସ୍ନାନ କରି ପୁଣି ରାଜପ୍ରାସାଦକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ସେବାୟତମାନେ ଖଣ୍ଡା ଆଣି ପାରମ୍ପରିକ ରୀତି ନୀତି ଅନୁସାରେ ପଟଖଣ୍ଡାଙ୍କୁ ସ୍ଥାପନ କରିଥାନ୍ତି । ପଟଖଣ୍ଡା ତିନି ଦିନ ଧରି ପୂଜାପାଇଥାନ୍ତି । ରାଜପ୍ରସାଦ ଭିତରେ ପଟଖଣ୍ଡା ପୂଜା ପାଉଥିବା ବେଳେ ବାହାରେ ମା’ ସମଲେଶ୍ୱରୀ, ମା’ ରକ୍ତାମ୍ବରୀ ପୂଜା ପାଉଛନ୍ତି । ଏହି ପଟଖଣ୍ଡାଙ୍କ ପାଲିଙ୍କି ଯାତ୍ରା ଦେଖିଲେ ନିଜ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି କାହିଁ କେଉଁ ଅନାଦି କାଳରୁ ମତ ରହିଛି ।

# ଅବ୍ୟବସ୍ଥା ଘେରରେ ସିନାପାଲି ଅବକାରୀ କାର୍ଯ୍ୟାଳୟ : ୩୫ ବର୍ଷ ହେବ ଭଡାଘରେ ଚାଲିଛି



ନୂଆପଡା, (ନିପ୍ର) : ନୂଆପଡା ଜିଲ୍ଲା ସିନାପାଲି ଅବକାରୀ କାର୍ଯ୍ୟାଳୟ ନାନା ଅବ୍ୟବସ୍ଥା ଦେଇ ଗତି କରୁଛି । ନିଜସ୍ୱ କୋଠା ନ ଥିବାରୁ ଦୀର୍ଘ ୩୫ ବର୍ଷ ହେବ ଭଡ଼ାରେ ଚାଲିଛି । ପ୍ରଶାସନିକ ଅଧିକାରୀମାନଙ୍କ ଅବହେଳା ଓ ରାଜନୈତିକ ଜନପ୍ରତିନିଧିଙ୍କ ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ସିନାପାଲିର ଅବକାରୀ କାର୍ଯ୍ୟାଳୟ କୋଠା ନିର୍ମାଣ ହୋଇପାରୁନଥିବା ଅଭିଯୋଗ ହେଉଛି । ଏଠାରେ ସୂଚନାଯୋଗ୍ୟ ଯେ, ଅବକାରୀ କାର୍ଯ୍ୟାଳୟ ସ୍ଥାପନ ଦୀର୍ଘ ୩୫ ବର୍ଷ ବିତିଯାଇଛି । ହେଲେ କୋଠା ନିର୍ମାଣ ହେଉ ନଥିବାରୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଖଡ଼ିଆଳ ସହରରେ ରହୁଛନ୍ତି । କେବେ କାଁ ଭାଁ ଏଠାକୁ ଆସି ଫେରି ଯାଆନ୍ତି । ଯାହାଫଳରେ ବର୍ଷକର ଅଧିକାଂଶ ସମୟ ଅଫିସରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି । ତେବେ ସୁଦୂର ଖଡ଼ିଆଳଠାରେ କର୍ମଚାରୀମାନେ ରହି କିଭଳି ଭାବରେ ସିନାପାଲି ଅଞ୍ଚଳର ନିଶାକାରବାର ଉପରେ ଅଙ୍କୁଶ ଲଗାଉଥିବେ ତାହା ସ୍ପଷ୍ଟ ଜଣାପଡେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ସିନାପାଲି ବ୍ଲକ ସୀମାନ୍ତ ଛତିଶଗଡ଼ରେ ଅବସ୍ଥିତ । ଏଠାରେ ଛତିଶଗଡ଼ ଅଞ୍ଚଳକୁ ଚୋରାରେ ନିଶାଦ୍ରବ୍ୟ ସମେତ ଅନେକ ପ୍ରକାର ନିଶାଦ୍ରବ୍ୟ ଚୋରା ଚାଲାଣ ହେଉଛି । କିନ୍ତୁ ଅବକାରୀ ବିଭାଗର ଦୂରଦୃଷ୍ଟିର ଅଭାବ ଯୋଗୁଁ ବେପାରୀମାନେ ମାଲେ ମାଲ ହେଉଛନ୍ତି ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି । ସିନାପାଲି ବ୍ଲକର ସିନାପାଲି, ହାତୀବନ୍ଧା, ଗଣ୍ଡାବାହାଲି, ଟିମନପୁର, ଗୋର୍ଲା, କେନ୍ଦୁମୁଣ୍ଡା, ଧିଙ୍ଗିଆମୁଣ୍ଡାଠାରେ ଲାଇସେନ୍ସ ପ୍ରାପ୍ତ ଦେଶୀ ମଦଭାଟି ଥିବା ବେଳେ ସିନାପାଲିଠାରେ ଗୋଟିଏ ମାତ୍ର ବିଦେଶୀ ମଦ ଦୋକାନ ରହିଛି । ହେଲେ ଉକ୍ତ ଲାଇସେନ୍ସ ପ୍ରାପ୍ତ ଦୋକାନରୁ ମଦ ନେଇ ବିଭିନ୍ନ ଗାଁ ଗଣ୍ଡାଗୁଡିକରେ ଛତୁ ଫୁଟିଲା ଭଳି ମଦ କୋଠା ଗଢି ଉଠିଛି । ବେଆଇନ ମଦ ବିକ୍ରିକୁ ବନ୍ଦ କରିବା ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବକ ସଂଘ ସମେତ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦ୍ୟମ ଚଳାଉ ଥିବା ବେଳେ ଅବକାରୀ ବିଭାଗ ମଦ ବେପାରୀମାନଙ୍କୁ ପରୋକ୍ଷ ଭାବରେ ସାହାଯ୍ୟ କରୁଥିବାରୁ ମଦ କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଅବକାରୀ ବିଭାଗର କର୍ମଚାରୀମାନେ ମଦ ଭାଟି ମାଲିକମାନଙ୍କ ସହିତ ସଲା ସୁତୁରା କରି ବେଶ ମୁନାଫା ଉଠାଇ ଚାଲିଥିବା ବେଳେ ନିରୀହ ଜନସାଧାରଣମାନେ ସଚେତନତାର ଅଭାବ ଯୋଗୁଁ ସର୍ବସ୍ୱାନ୍ତ ହେଉଛନ୍ତି । ଅବକାରୀ ଅଧିକାରୀମାନେ ଲାଇସେନ୍ସ ପ୍ରାପ୍ତ ମଦ ଭାଟିଗୁଡିକୁ ପ୍ରତିମାସରେ ଆସି କିଭଳି ପରିବେଶରେ ମଦ ତିଆରି ହେଉଛି ଏପରିକି ମଦର ମାନ କେତେ, ନିଶାଯୁକ୍ତ କେତେ ପରିମାଣ ରହିବା କଥା ତାହା ପରଖୁ ନଥିବାରୁ ମଦର ମାନ କୋହଳ କରାଯାଇ ବିକ୍ରି କରାଯାଉଛି, ଯାହାଫଳରେ ସାଧାରଣ ଲୋକେ ମଦ୍ୟପାନ କରି ଖର୍ଚ୍ଚାନ୍ତ ହେଉଥିବା ଅଂଚଳରେ ବେଶ ଚର୍ଚ୍ଚା ହେଉଛି । ଯେତେବେଳେ ଅଭିଯୋଗ ହୁଏ ଲୋକ ଦେଖାଣିଆ ଭାବରେ ଚଢ଼ାଉ କରାଯାଇ ଅଭିଯୁକ୍ତମାନଙ୍କୁ ମଦର ପରିମାଣ କମ୍ ଦର୍ଶାଇ ମାମଲା ରୁଜୁ କରାଯାଉଛି, ଯାହାଫଳରେ ଗିରଫ ହୋଇଥିବା ବ୍ୟକ୍ତି ତୁରନ୍ତ ଜାମିନରେ ଫେରିଆସି ପୁଣିଥରେ ମଦବେପାର କରୁଥିବା ଅଭିଯୋଗ ହେଉଛି । ସିନାପାଲିରୁ ପ୍ରତିଦିନ ଛତିଶଗଡ଼ ଅଂଚଳକୁ ଚୋରାରେ ବିଦେଶୀ ମଦ ମୋଟର ସାଇକେଲ ଓ ଚାରିଚକିଆ ଗାଡ଼ିରେ ଚାଲାଣ ହେଉଛି । ହେଲେ ସବୁ ଜାଣିଶୁଣି ବିଭାଗୀୟ ଅଧିକାରୀମାନେ ଚୁପ୍ ହୋଇ ନୀରବଦ୍ରଷ୍ଟା ସାଜିଥିବା ସାଧାରଣରେ ଅଭିଯୋଗ ହେଉଛି । ଅବକାରୀ ଓ ମଦବେପାରୀମାନଙ୍କ ସଲାସୁତୁରା ଯୋଗୁଁ ଅନେକ ରାଜସ୍ୱ ହାନୀ ଘଟୁଛି ବୋଲି ବୁଦ୍ଧିଜୀବୀ ମହଲରେ ବେଶ୍ ଚର୍ଚ୍ଚା ହେଉଛି । ଛତିଶଗଡ଼ ଅଞ୍ଚଳରେ ମଦର ଦାମ ଅଧିକ ଥିବା ବେଳେ ଏଠାରେ ୧୦୦ରୁ ୧୨୦ ଟଙ୍କା କମ୍ ରହୁଛି । ଏଣୁ ଏଠାରୁ ନେଇ ସେଠାରେ ଅଧିକ ଦାମରେ ବିକ୍ରୀ କରି ବେପାରୀମାନେ ମାଲେ ମାଲ ହେଉଛନ୍ତି ବୋଲି ମତ ପ୍ରମାଣ ପାଉଛି । କିନ୍ତୁ ପ୍ରଶାସନ ଜାଣି ଶୁଣି ଚୁପ୍ ବସିଥିବାର ଅସଲି ଉଦ୍ଦେଶ୍ୟ କଣ ବୋଲି ମତ ପ୍ରକାଶ ପାଇଛି । ଏଠାରେ ସୂଚନା ଯୋଗ୍ୟ ଯେ, ଲାଇସେନ୍ସ ପ୍ରାପ୍ତ ମଦ ଭାଟିଗୁଡିକ ବର୍ଷକୁ ଥରେ ନବୀକରଣ କରାଯାଏ । ହେଲେ ଏଥିପାଇଁ ସ୍ଥାନୀୟ ଜନସାଧାରଣଙ୍କୁ ପ୍ରଥମେ ନୋଟିସ ମାଧ୍ୟମରେ ଜଣାଇ ଦିନ ଧାର୍ଯ୍ୟ କରିବା ନିୟମ ରହିଛି ଏବଂ ଗ୍ରାମସଭାରେ ସ୍ଥାନୀୟ ଜନସାଧାରଣଙ୍କ ମତାମତ ଲୋଡ଼ି ନିଷ୍ପତ୍ତି ନେବା କଥା ହେଲେ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାନରେ ଗ୍ରାମସଭା ଡକାଯାଇ ନାହିଁ କିମ୍ବା ସ୍ଥାନୀୟ ଜନସାଧାରଣଙ୍କୁ ନୋଟିସ ମଧ ଦିଆଯାଉନାହିଁ । କେବଳ ଚିଠି ଧରି କେତେକ ଜନପ୍ରତିନିଧିମାନଙ୍କ ଦସ୍ତଖତ ନେଇ ସବୁକାମ ଶେଷ କରିଦେଇଥାନ୍ତି । ଫଳରେ ସ୍ଥାନୀୟ ଜନସାଧାରଣ ଜାଣିପାରୁ ନାହାନ୍ତି ବୋଲି ଜନସାଧାରଣରେ ଅଭିଯୋଗ ହେଉଛି । ସୂଚନା ଯୋଗ୍ୟ ଯେ, ସିନାପାଲି ଅବକାରୀ କାର୍ଯ୍ୟାଳୟର ନୂତନ କୋଠା ନିର୍ମାଣ ସକାଶେ ଯୁଗେନପଦରଠାରେ ଜାଗା ଚିହ୍ନଟ ହୋଇଛି । ହେଲେ ଆଜି ପର୍ଯ୍ୟନ୍ତ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ । ଫଳରେ ଦୀର୍ଘ ବର୍ଷ ହେବ ଭଡାରେ ଚାଲିଛି । ଭଡ଼ା ଦେଇ ରାଜସ୍ୱ ହରାଉଥିବା ନେଇ ଅଞ୍ଚଳରେ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି । ଅବକାରୀ କାର୍ଯ୍ୟାଳୟ କୋଉଠାରେ ରହିଛି ତାହା ଜନସାଧାରଣଙ୍କୁ ଅଦୃଶ୍ୟ ହୋଇ ରହିଯାଇଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସଧାରଣରେ ଦାବୀ ହେଉଛି ।

# ଧାରୋଲ ଗ୍ରାମରେ କବାଡି ଟୁର୍ଣ୍ଣାମେଣ୍ଟ



ପଦ୍ମପୁର, (ନିପ୍ର) : ପାଇକମାଲ ବ୍ଲକ ମାଣ୍ଡୋସିଲ ଗ୍ରାମ ପଞ୍ଚାୟତ ଧାରୋଲ ଗ୍ରାମଠାରେ କବାଡି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗାଁର ଗୌନ୍ତିଆ ବାସୁଦେବ ବରିହା, ସମ୍ମାନୀତ ଅତିଥି ଭାବେ ଏ ଅଞ୍ଚଳର ସମାଜସେବୀ ତଥା ବିଶିଷ୍ଟ କଳାକାର ଲଳିତ ଜଗତ, ଶୁକ୍ଳ ରଣା, ଲବାନ ରଣା, ମନୋଜ ବାରିକ, ହାଡୁ ପ୍ରଧାନ ଓ ଲକ୍ଷ୍ମୀ ଧର ମେହେର ଫିତା କାଟି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଫାଇନାଲ ମ୍ୟାଚ୍ ଧାରୋଲ ଦଳ ଓ ବହଲଡ଼ିହି ଦଳ ମଧ୍ୟରେ ହୋଇଥିଲା । ଏଥିରେ ଧାରୋଲ ଦଳ ବିଜୟ ଲାଭ କରି ଚାମ୍ପିୟନ ହୋଇଥିଲେ । ଧାରୋଲ ଦଳ ପ୍ରଥମ ସ୍ଥାନ, ବହଲଡ଼ିହି ଦଳ ଦ୍ୱିତୀୟ ସ୍ଥାନ, ଭୂତମୁଣ୍ଡା ଦଳ ତୃତୀୟ ସ୍ଥାନ ଓ ମୁନିକେଲ ଦଳ ଚତୁର୍ଥ ସ୍ଥାନ ଅଧିକାର କରିଥିବା ବେଳେ ସମସ୍ତ ଦଳକୁ ଅତିଥିମାନେ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ । ମ୍ୟାଚ୍‌ଗୁଡିକୁ ବୈବସ୍ୱତ ପ୍ରଧାନ, ଅଜିତ ପ୍ରଧାନ, ସରୋଜ ପ୍ରଧାନ ଓ ଅନିଲ ଦାସ ପରିଚାଳନା କରିଥିବା ବେଳେ ରୋହିତ ଖୁଣ୍ଟିଆ ଓ କୈଳାସ ମାଝୀ ଧାରା ବିବରଣୀ ପ୍ରଦାନ କରିଥିଲେ । ସହଯୋଗ କରିଥିଲେ କମିଟିର ଭୁବନ ଭୁଏ, ସୋମନାଥ ଧରୁଆ, ନିରଞ୍ଜନ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ରଣା, ବାବୁଲୁ ରଣା, ରାଧାକାନ୍ତ ରଣା, ରାଜେଶ ରଣା, ଅଭୟ ସରିଆଁ, ପିଙ୍କୁ ବରିହା ପ୍ରମୁଖ ସହଯୋଗ କରିଥିଲେ ।

# କ୍ଲିନ ଇଣ୍ଡିଆ ପ୍ଲାଷ୍ଟିକ ମୁକ୍ତ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ



ଡେଲାଙ୍ଗ, (ନିପ୍ର) : ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଘୋରଡିଆ ଗାମରେ ଗତକାଲି ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇଣ୍ଟେଲେକ୍‌ଚୁଆଲ କ୍ଲବ ଓ ନେହୁର ଯୁବ କେନ୍ଦ୍ର, ପୁରୀ ମିଳିତ ଆନୁକୂଲ୍ୟରେ କ୍ଲିନ ଇଣ୍ଡିଆ ପ୍ଲାଷ୍ଟିକ ମୁକ୍ତ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ଘୋରଡିଆ ହାଟ ବଜାର, ମନ୍ଦିର, ସ୍କୁଲ ପରିସର, ଗ୍ରାମ୍ୟ ମୁଖ୍ୟ ରାସ୍ତାକୁ ଯୁବକମାନଙ୍କ ଦ୍ୱାରା ପରିଷ୍କାର ପରିଚ୍ଛନ୍ନ ସହ ପ୍ଲାଷ୍ଟିକ ମୁକ୍ତ ଜନ ସଚେତନତା ଅଭିଯାନ କରାଯାଇଥିଲା । ଅନୁଷ୍ଠାନର ସଭାପତି ଦୁଃଖିଶ୍ୟାମ ବେହେରା, ସମ୍ପାଦକ ଦିଲ୍ଲିପ କୁମାର ଧାଉଡିଆ, କୋଷାଧ୍ୟକ୍ଷ ବାବୁରାମ ଦାସ, ସ୍ୱେଚ୍ଛାସେବୀ ପ୍ରତାପ ଚନ୍ଦ୍ର ପଲେଇ, ଅଶୋକ ହରିଚନ୍ଦନ, ଅଜୟ ସାହୁ, ପ୍ରଦୀପ ରାଉତରାୟ, ସୁକାନ୍ତ ସାହୁ, ସୟଦ ମହମ୍ମଦ, ବେଣୁଧର ମଙ୍ଗରାଜ, ସୁଶାନ୍ତ ଓ ସୁଦର୍ଶନ ପୃଷ୍ଟି ପ୍ରମୁଖ ସମେତ ବହୁ ଯୁବକ ସାମିଲ ହୋଇ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଶେଷରେ ଅନୁଷ୍ଠାନର ସମ୍ପାଦକ ଶ୍ରୀ ଧାଉଡିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ସିନାପାଲି ଗାୟତ୍ରୀ ଶକ୍ତିପୀଠରେ ନବରାତ୍ର ଉଦ୍‌ଯାପିତ



ନୂଆପଡା, (ନିପ୍ର) : ନୂଆପଡା ଜିଲ୍ଲା ସିନାପାଲି ଗାୟତ୍ରୀ ଶକ୍ତିପୀଠଠାରେ ଗତ ୬ ତାରିଖ ଦିନ ସଂକଳ୍ପ ନେଇଥିବା ବେଳେ ୭ ତାରିଖଠାରୁ ଆରମ୍ଭ ହୋଇଥିବା ଆଶ୍ୱିନ ନବରାତ୍ର କାର୍ଯ୍ୟକ୍ରମ ଆଜି ପୂର୍ଣ୍ଣାହୁତି ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଅନେକ ଶ୍ରଦ୍ଧାଳୁ ନଅଦିନ ବ୍ୟାପୀ ଅଖଣ୍ଡ ମନୋସ୍କାମନା ଦୀପ ପ୍ରଜ୍ୱଳନ କରିଥିବା ବେଳେ ପ୍ରତ୍ୟହ ସାମୂହିକ ଜପ, ଜାଗରଣ, ଆରତୀ, ଭଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଉଦ୍‌ଯାପନୀ ଉତ୍ସବ ଅବସରରେ ୯ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ ସଂସ୍କାର କାର୍ଯ୍ୟକ୍ରମ ଯଥା ମୁଣ୍ଡନ, ବିଦ୍ୟାରମ୍ଭ, ପୁଂସବନ, କୁମାରୀବ୍ରତ ସହ ୯ ଜଣ କୁମାରୀ କନ୍ୟାଙ୍କ ପୂଜାର ଆୟୋଜିତ ହୋଇଥିଲା । ସିନାପାଲି ଗାୟତ୍ରୀ ପରିବାରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଟୋଲି ଭାବରେ ତ୍ରିନାଥ ମେହେର, ସନ୍ତୋଷ କୁମାର ନାଏକ, ତରୁଣ କୁମାର ମେହେର, ପ୍ରମୋଦ କୁମାର ଧୀବର ଓ ପୂଜକ ଭାବରେ ଦୟା ମେହେର ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟକର୍ତ୍ତା ଭାବରେ ଭୁପେନ୍ଦ୍ର ମେହେର ଓ ଅନ୍ୟ କର୍ତ୍ତା ଭାବରେ ସରୋଜ ମେହେର, ଜୟଦେବ ମେହେର, ପଙ୍କଜ ମେହେର, ରମେଶ ମେହେର, ଅଭିରାମ ମେହେର, ସୁରେଶ ପଟେଲ, ନିଷ୍ଫଳାନନ୍ଦ ମେହେର, ଜଗଦୀଶ ଗର୍ଗ, କାର୍ଯ୍ୟଭାବରେ କାର୍ଯ୍ୟ ସମ୍ପନ୍ନ କରିଥିବା ବେଳେ ଶଶୀଭୂଷଣ ମାଝୀ, ପୂର୍ଣ୍ଣଚନ୍ଦ୍ର ମେହେର, ଲମ୍ବୋଦର ମେହେର, ହୀରାଲାଲ ଅଗ୍ରୱାଲ, ରମେଶ ମେହେର, ମୁନେଶ ଅଗ୍ରୱାଲ, ଶ୍ରୀକାନ୍ତ ମେହେର, ଡମ୍ବରୁଧର ମେହେର ସହ ସିନାପାଲିର ସମସ୍ତ ଯୁବକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ବଲାଙ୍ଗିର ଜିଲ୍ଲା ଭାରତୀୟ ଜନତା ପାର୍ଟିର ସମ୍ପାଦିକା ବିଜେଡିରେ ସାମିଲ

ଖପ୍ରାଖୋଲ, (ନିପ୍ର) : ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବିଧାନସଭାରେ ବି.ଜେ.ଡି ପ୍ରତି ଲୋକଙ୍କ ଆସ୍ଥା ବୃଦ୍ଧି ପାଇବାରେ ଲାଗିଛି । ପାଟଣାଗଡ଼ ନିର୍ବାଚନ ମଣ୍ଡଳୀ ବିଜେଡି କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ତଥା ଜନହିତକର ଯୋଜନା ଏବଂ ଆଦର୍ଶରେ ଅନୁପ୍ରାଣିତ ହୋଇ ପାଟଣାଗଡ଼ ବିଧାୟକ ସରୋଜ ମେହେରଙ୍କ ଉପସ୍ଥିତିରେ ଖୁଟସମଲେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବଲାଙ୍ଗିର ଜିଲ୍ଲା ଭାରତୀୟ ଜନତା ପାର୍ଟିର ସମ୍ପାଦିକା ସାବିତ୍ରୀ ନାଗ ବିଜେଡିରେ ସାମିଲ ହୋଇଥିବା ବିଧାୟକ ଶ୍ରୀ ମେହେର ସୂଚନା ଦେଇଛନ୍ତି ।




# ପବିତ୍ର ନବମୀ ପୂଜା ଅବସରରେ କନ୍ୟା ପୂଜନ ପରମ୍ପରା ପାଳନ



ନବରଙ୍ଗପୁର, (ନିପ୍ର) : ନବରାତ୍ର ଚାଲିଥିବା ବେଳେ ଆଜି ହେଉଛି ମାଆଙ୍କ ପବିତ୍ର ନବମୀ ପୂଜା ଏହି ଅବସରରେ କୋଷାଗୁମୁଡା ବ୍ଲକର ଦୁରାଗାଁ ଗ୍ରାମର କୈଳାସ ମାଝୀ କନ୍ୟା ପୂଜନ ପରମ୍ପରାକୁ ପାଳନ କରିଛନ୍ତି ।

୯ ଜଣ କୁନି କୁନି ଝିଅଙ୍କ ପାଦ ଧୋଇ, ପୂଜା କରି, ନୂତନ ବସ୍ତ୍ର ଦେବା ସହ ଭୋଜନ କରାଇଛନ୍ତି । ଏଥିରେ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ରହି ସ୍ୱତନ୍ତ୍ର ରୀତିନୀତି ଅନୁସାରେ କରୋନା କଟକଣା ଭିତରେ ମହାମାୟୀଙ୍କ ପୂଜାର୍ଚ୍ଚନା କରିଛନ୍ତି । ନବରାତ୍ରୀର ନବମ ଦିନରେ ପୂଜା ପାଆନ୍ତି ମା' ସିଦ୍ଧିଦାତ୍ରୀ ଏହି ଦିନ ଶାସ୍ତ୍ରୀୟ ବିଧିବିଧାନ ଏବଂ ପୂର୍ଣ୍ଣ ନିଷ୍ଠାର ସହ ସାଧନା କରିବା ଦ୍ୱାରା ନାନାଦି ପ୍ରକାର ସିଦ୍ଧି ପ୍ରାପ୍ତି ହୁଏ ।

# ମା' ଜଗତ ଜନନୀଙ୍କ ଦଶହରା ପୂଜନୋତ୍ସବ : ନଅ ରୂପରେ ମା'



## ଶୈଳପୁତ୍ରୀ

ବନ୍ଦେ ବାଞ୍ଛିତଲାଭାୟା
ଚନ୍ଦ୍ରାର୍ଦ୍ଧକୃତଶେଖରାମ୍ ।
ବୃଷାରୁଢ଼ାଂ ଶୂଳଧରାଂ ଶୈଳପୁତ୍ରୀଂ
ଯଶସ୍ୱିନୀମ୍ ।।

ମାତା ଦୁର୍ଗା ହେଉଛନ୍ତି ସୃଷ୍ଟିର ଆଦିଶକ୍ତି । ତାଙ୍କର ପ୍ରଥମ ସ୍ୱରୂପର ନାମ ଶୈଳପୁତ୍ରୀ । ପର୍ବତକୁ ଶୈଳ କହନ୍ତି, ପର୍ବତରାଜ ହିମାଳୟଙ୍କର କନ୍ୟା ରୂପେ ଜନ୍ମିଥିଲେ ବୋଲି ତାଙ୍କ ନାମ ଶୈଳପୁତ୍ରୀ ହୋଇଥିଲା । ନବଦୁର୍ଗାଙ୍କ ମଧ୍ୟରୁ ସେ ହେଉଛନ୍ତି ପ୍ରଥମ ଦୁର୍ଗା । ସେ ବୃଷଭବାହିନୀ, ତାଙ୍କର ଡାହାଣ ହାତରେ ତ୍ରିଶୂଳ ଓ ବାମ ହାତରେ ପଦ୍ମ ଶୋଭାପାଏ ।

ମାତା ପୂର୍ବଜନ୍ମରେ ପ୍ରଜାପତି ଦକ୍ଷଙ୍କର ଝିଅ ହୋଇ ଜନ୍ମ ନେଇଥିଲେ । ସେତେବେଳେ ପ୍ରଜାପତି ଦକ୍ଷ ଗୋଟିଏ ବଡ଼ ଯଜ୍ଞ ଆୟୋଜନ କଲେ । ନିଜ ନିଜର ଯଜ୍ଞଭାଗ ନିଅନ୍ତୁ ବୋଲି ସେ ଯଜ୍ଞକୁ ସବୁ ଦେବତାଙ୍କୁ ନିମନ୍ତ୍ରଣ କଲେ, କିନ୍ତୁ ଶଙ୍କରଙ୍କୁ ଡାକିଲେ ନାହିଁ । ତଥାପି ବାପା ଏତେ ବଡ଼ ଯଜ୍ଞ କରୁଛନ୍ତି ଶୁଣି ଘରକୁ ଯାଇ ଯଜ୍ଞ ଦେଖି ଆସିବାକୁ ସତୀଙ୍କର ମନ ବିକଳ ହେଲା । ସେ ଶଙ୍କରଙ୍କୁ ନିଜ ମନକଥା କହିଲେ । ସବୁ କଥା ବିଚାର କରି ଶଙ୍କର କହିଲେ, 'ତୁମ ବାପା କୌଣସି କାରଣରୁ ଆମ ଉପରେ ରାଗିଛନ୍ତି, ଖବର ଟିକିଏ ବି ପଠାଇ ନାହାନ୍ତି । ଏପରି ପରିସ୍ଥିତିରେ ସେଠାକୁ ଯିବା ତୁମ ପକ୍ଷରେ ଆଦୌ ଉଚିତ ହେବନାହିଁ ।' ଏସବୁ ଉପଦେଶରେ ସତୀଙ୍କ ମନ ବୁଝିଲା ନାହିଁ । ବାପାଙ୍କ ଯଜ୍ଞ ଦେଖିବାକୁ ଯାଇ ଘରେ ମାଆ ଓ ଭଉଣୀମାନଙ୍କ ସହିତ ଦେଖା କରି ଆସିବାକୁ ତାଙ୍କ ମନ ଆକୁଳ ହେଉଥିଲା, ତାହା ଟିକିଏ ବି କମିଲା ନାହିଁ । ତାଙ୍କର ସେହି ଆଗ୍ରହ ଦେଖି ଭଗବାନ ଶଙ୍କର ତାଙ୍କୁ ବାପ ଘରକୁ ଯିବାକୁ ଅନୁମତି ଦେଇଦେଲେ ।

ସତୀ ବାପଘରକୁ ଯାଇ ଦେଖିଲେ ଯେ, ତାଙ୍କୁ ଆଦର କରିବା ତ' ଦୂରର କଥା, କେହି କଥା ପଦେ ବି କହିଲେ ନାହିଁ, କି ମୁହଁ ଟେକି ଚାହିଁଲେ ନାହିଁ । ଖାଲି ମାଆ ଯାହା ଟିକିଏ ଜାବୋଡ଼ି ଧରିଲେ, ଭଉଣୀମାନେ ତ ନାକ ଟେକି ମୁହଁ ମୋଡ଼ି ଦେଇ ବ୍ୟଙ୍ଗ ଉପହାସ କରି ବସିଲେ । ଆପଣା ଲୋକଙ୍କର ଏ ବ୍ୟବହାର ଦେଖି ସତୀଙ୍କୁ ବଡ଼ ଦୁଃଖ ଲାଗିଲା । ଏ ଭିତରେ ତାଙ୍କ ବାପା ଦକ୍ଷ ମଧ୍ୟ ତାଙ୍କୁ ଦି'ପଦ ଅପମାନଜନକ କଥା କହିଦେଲେ । ସତୀଙ୍କ ହୃଦୟ କ୍ଷୋଭ, ଗ୍ଲାନି ଓ କ୍ରୋଧରେ ସନ୍ତପ୍ତ ହୋଇଗଲେ । ସେ ଭାବିଲେ, ସ୍ୱାମୀଙ୍କ କଥା ନମାନି, ସେଠାକୁ ଆସି ସେ ବଡ଼ ଭୁଲ କରିଛନ୍ତି । ଏ ଯେଉଁ ଅପମାନ, ଏହା ଖାଲି ତାଙ୍କର ନୁହେଁ, ଏହା ଶଙ୍କରଙ୍କର ମଧ୍ୟ ଅପମାନ ।

ନିଜ ପତି ଭଗବାନ ଶଙ୍କରଙ୍କର ଏହି ଅପମାନ ସହି ନ ପାରି ସେ ସେହିକ୍ଷଣି ଯଜ୍ଞକୁଣ୍ଡକୁ ଡେଇଁ ପଡ଼ିଲେ ଓ ନିଜ ରୂପକୁ ଯଜ୍ଞନିଆଁରେ ପୋଡ଼ି ପାଉଁଶ କରିଦେଲେ । ବଜ୍ରପାତ ସମାନ ସେହି ଦାରୁଣ ଘଟଣା ଶୁଣି ଶଙ୍କର ନିଜର ଗଣମାନଙ୍କୁ ପଠାଇ ଦକ୍ଷଯଜ୍ଞକୁ ସଂପୂର୍ଣ୍ଣ ଧ୍ୱଂସ କରିଦେଲେ ।

ଯୋଗାଗ୍ନିରେ ଶରୀର ଭସ୍ମ କରିଦେଇ ପରବର୍ତ୍ତୀ ଜନ୍ମରେ ସତୀ ଶୈଳରାଜ ହିମାଳୟଙ୍କର ପୁତ୍ରୀରୂପେ ଜନ୍ମ ହେଲେ । ଏଥର ସେ ଶୈଳପୁତ୍ରୀ ନାମରେ ବିଖ୍ୟାତ ହେଲେ । ତାଙ୍କୁ ପାର୍ବତୀ ଓ ହୈମବତୀ ବୋଲି ମଧ୍ୟ ଡକାଗଲା । ଉପନିଷଦର ଗୋଟିଏ କଥା ଅନୁସାରେ ସେ ହୈମବତୀ ସ୍ୱରୂପରେ ଦେବତାମାନଙ୍କର ଗର୍ବ ଭଂଜନ କରିଥିଲେ ।

ଶୈଳପୁତ୍ରୀ ଦେବୀଙ୍କର ବିବାହ ମଧ୍ୟ ଶଙ୍କରଙ୍କ ସହିତ ହୋଇଗଲା । ପୂର୍ବଜନ୍ମ ପରି ଏ ଜନ୍ମରେ ମଧ୍ୟ ସେ ଶିବଙ୍କର ଅର୍ଦ୍ଧାଙ୍ଗିନୀ ହେଲେ । ନବଦୁର୍ଗାଙ୍କ ମଧ୍ୟରେ ପ୍ରଥମ ଏହି ଶୈଳପୁତ୍ରୀ ଦୁର୍ଗାଙ୍କର ଶକ୍ତି ଓ ମହତ୍ତ୍ୱ ଅନନ୍ତ । ନବରାତ୍ର ପୂଜାରେ ପ୍ରଥମ ଦିନ ଏହାଙ୍କର ପୂଜା-ଉପାସନା କରାଯାଏ । ଏହି ପ୍ରଥମ ଦିବସ ଉପାସନାରେ ଯୋଗୀ ନିଜ ମନକୁ 'ମୂଳାଧାର' ଚକ୍ରରେ ରଖନ୍ତି, ଏହିଠାରୁ ତାଙ୍କର ଯୋଗସାଧନା ଆରମ୍ଭ ହୁଏ ।



## ବ୍ରହ୍ମଚାରିଣୀ

ଦଧାନା କରପଦ୍ମାଭ୍ୟାମକ୍ଷମାଳାକମଣ୍ଡଳୂ ।
ଦେବୀ ପ୍ରସୀଦତୁ ମୟି ବ୍ରହ୍ମଚାରିଣ୍ୟନୁତ୍ତମା ।

ମାତା ଦୁର୍ଗାଙ୍କର ନବ ଶକ୍ତିର ଦ୍ୱିତୀୟ ସ୍ୱରୂପଟି ହେଉଛି ବ୍ରହ୍ମଚାରିଣୀ । ଏଠାରେ 'ବ୍ରହ୍ମ' ଶବ୍ଦର ଅର୍ଥ ହେଉଛି ତପସ୍ୟା । ବ୍ରହ୍ମଚାରିଣୀ ଅର୍ଥ ତପଃ-ଚାରିଣୀ, ଯେ ତପ ଆଚରଣ କରନ୍ତି, ସେ । କଥିତ ଅଛି, ଦେବସ୍ତତ୍ତ୍ୱଂ ତପୋ ବ୍ରହ୍ମ – ବ୍ରହ୍ମ ଶବ୍ଦର ଅର୍ଥ ହେଉଛି ବେଦ, ତତ୍ତ୍ୱ ଓ ତପ । ବ୍ରହ୍ମଚାରିଣୀ ଦେବୀଙ୍କର ସ୍ୱରୂପ ପୂର୍ଣ୍ଣ ଜ୍ୟୋତିର୍ମୟ ଓ ଅତ୍ୟନ୍ତ ଭବ୍ୟ । ତାଙ୍କର ଡାହାଣ ହାତରେ ଜପାମାଳା ଓ ବାଆଁ ହାତରେ ମକଣ୍ଡଳୁ ଶୋଭାପାଏ ।

କଥିତ ଅଛି, ପୂର୍ବ ଜନ୍ମରେ ସେ ଯେତେବେଳେ ହିମାଳୟଙ୍କର ପୁତ୍ରୀ ହୋଇ ଜନ୍ମ ହୋଇଥିଲେ, ସେତେବେଳେ ନାରଦଙ୍କ ଉପଦେଶ ଅନୁସାରେ ଭଗବାନ ଶଙ୍କରଙ୍କୁ ପତି ରୂପେ ପାଇବାକୁ ଘୋର ତପସ୍ୟ କରିଥିଲେ । ସେହି ଦୁଷ୍କର ତପସ୍ୟା ହେତୁ ତାଙ୍କୁ ତପଶ୍ଚାରିଣୀ ଅର୍ଥାତ ବ୍ରହ୍ମଚାରିଣୀ କୁହାଯାଇଛି । ତପକାଳରେ ପୂରା ହଜାରେ ବର୍ଷ ସେ କେବଳ ଫଳମୂଳ ଖାଇ ରହିଲେ । ତା' ପରେ ଶହେ ବର୍ଷ କେବଳ ଶାଗପତ୍ର ଖାଇ ଜୀବନ ନିର୍ବାହ କଲେ । କିଛି କାଳ ସେ କଠିନ ଉପବାସ କରି ଖୋଲା ଆକାଶ ତଳେ ଖରାବର୍ଷା ଖାଇ ଭୀଷଣ କଷ୍ଟ ସହନ କଲେ । ସେହି କଠିନ ତପସ୍ୟା ପରେ ତିନି ହଜାର ବର୍ଷ ପର୍ଯ୍ୟନ୍ତ କେବଳ ଗଛରୁ ଝଡି ପଡିଥିବା ଶୁଖିଲା ପାଚିଲା ବେଲ ପତ୍ର ଖାଇ ଦିବାନିଶି ଶଙ୍କରଙ୍କର ଆରଧାନା କରି ଚାଲିଲେ । ତା' ପରେ ସେ ଶୁଖିଲା ପାଚିଲା ବେଲ ପତ୍ର ଖାଇବା ବି ଛାଡିଦେଲେ । କେତେ ହଜାର ବର୍ଷ ସେ ନିର୍ଜଳ ନିରାହାର ତପସ୍ୟାରେ ରତ ହୋଇଗଲେ । ପତ୍ରର ଅନ୍ୟ ନାମ ପର୍ଣ୍ଣ । ତେବେ ସେ ପର୍ଣ୍ଣ ଖାଇବା ବି ଛାଡି ଦେଇଥିବାରୁ ତାଙ୍କର ଆଉ ଗୋଟିଏ ନାମ ହୋଇଗଲା 'ଅପର୍ଣ୍ଣା' ।

ହଜାର ହଜାର ବର୍ଷ ଧରି ଏପରି କଠିନ ତପସ୍ୟା କରିବାରୁ ବ୍ରହ୍ମଚାରିଣୀ ଦେବୀଙ୍କର ଶରୀର ଅତୀବ କ୍ଷୀଣ ହୋଇଗଲା । ସେ କୃଶକାୟ ହୋଇଗଲେ । ପୁତ୍ରୀର ଏହି ଦଶା ଦେଖି ତାଙ୍କର ମାଆ ମେନା ଅତ୍ୟନ୍ତ ଦୁଃଖୀତ ହୋଇଗଲେ । ତାଙ୍କୁ ସେହି କଠିନ ତପସ୍ୟାରୁ ବିରତ କରିବାକୁ ମେନା ଡାକ ପକାଇଲେ, 'ଉଠ୍..ମା' ତପ କର ନାହିଁ ।' ସେହି ଡାକକୁ ଧରି ବ୍ରହ୍ମଚାରିଣୀ ଦେବୀଙ୍କର ପୂର୍ବଜନ୍ମର ଆହୁରି ଏକ ନାମ ହେଇଗଲା 'ଉମା' ।

ଉମାଙ୍କର ସେହି କଠିନ ତପସ୍ୟାରେ ତିନି ଲୋକରେ ହାହାକାର ପଡିଗଲା । ବ୍ରହ୍ମଚାରିଣୀ ଦେବୀଙ୍କର ସେହି ତପସ୍ୟାକୁ ଅଭୂତପୂର୍ବ ପୁଣ୍ୟକୃତ୍ୟ ବୋଲି କହି ଦେବତା, ଋଷି, ସିଦ୍ଧ, ମୁନି – ସମସ୍ତେ ତାଙ୍କର ପ୍ରଶଂସା କରିବାକୁ ଲାଗିଲେ । ହେ ଦେବୀ ! ଆଜି ପର୍ଯ୍ୟନ୍ତ କେହି ଏପରି କଠିନ ତପସ୍ୟା କରି ନଥିଲେ, ଏପରି ତପସ୍ୟା କେବଳ ତୁମ ପକ୍ଷରେ ସମ୍ଭବ ହେଲା । ତୁମର ଏହି ଅଲୌକିକ କୃତ୍ୟ ଚର୍ତୁଦ୍ଦିଗରେ ପ୍ରଶଂସିତ ହେଉଛି । ତୁମର ମନସ୍କାମନା ସର୍ବତୋ ଭାବେ ପରିପୂର୍ଣ୍ଣ ହେବ । ଭଗବାନ ଚନ୍ଦ୍ରମୌଳି ଶିବ ତୁମକୁ ପତି ରୂପରେ ପ୍ରାପ୍ତ ହେବେ । ବର୍ତ୍ତମାନ ତୁମେ ତପସ୍ୟାରୁ ବିରତ ହୋଇ ଘରକୁ ଫେରିଚାଲ; ତୁମ ବାପା ତୁମକୁ ଡାକି ନେବା ପାଇଁ ଅତିଶୀଘ୍ର ଆସୁଛନ୍ତି ।

ମାତା ଦୁର୍ଗାଙ୍କର ଏହି ଦ୍ୱିତୀୟ ସ୍ୱରପ ଭକ୍ତ ଓ ସିଦ୍ଧମାନଙ୍କୁ ଅନନ୍ତ ଫଳ ଦାନ କରନ୍ତି । ତାଙ୍କୁ ଉପାସନା କଲେ ମନୁଷ୍ୟର ତପ, ତ୍ୟାଗ, ବୈରାଗ୍ୟ, ସଦାଚାର ଓ ସଂଯମ ବୃଦ୍ଧି ହୁଏ । ଜୀବନର କଠିନ ସଂଘର୍ଷରେ ବି ତା'ର ମନ କର୍ତ୍ତବ୍ୟରୁ ବିଚ୍ୟୁତ ହୁଏ ନାହିଁ । ମାତା ବ୍ରହ୍ମଚାରିଣୀ ଦେବୀଙ୍କ କୃପାରୁ ସେ ସର୍ବତ୍ର ସିଦ୍ଧି ଓ ବିଜୟ ପ୍ରାପ୍ତ ହୁଏ । ଦୁର୍ଗାପୂଜାର ଦ୍ୱିତୀୟ ଦିନ ମା'ଙ୍କର ଏହି ସ୍ୱରୂପର ଉପାସନା କରାଯାଏ । ସେହି ଦିନ ସାଧକର ମନ 'ସ୍ୱାଧିଷ୍ଠାନ' ଚକ୍ରରେ ସ୍ଥିତ ହୁଏ । ଯେଉଁ ଯୋଗୀଙ୍କର ମନ ଏହି ଚକ୍ରରେ ଅବସ୍ଥିତ ଥାଏ, ସେ ମାତାଙ୍କର କୃପା ଓ ଭକ୍ତି ଲାଭ କରନ୍ତି ।



## ଚନ୍ଦ୍ରଘଣ୍ଟା

ପିଣ୍ଡଜପ୍ରବରାରୂଢା ଚଣ୍ଡକୋପାସ୍ତ୍ରକୈର୍ଯ୍ୟୁତା ।
ପ୍ରସାଦଂ ତନୁତେ ମହ୍ୟଂ ଚନ୍ଦ୍ରଘଣ୍ଟେତି ବିଶ୍ରୁତା ।।

ମାତା ଦୁର୍ଗାଙ୍କର ତୃତୀୟ ଶକ୍ତିର ନାମ ଚନ୍ଦ୍ରଘଣ୍ଟା । ନବରାତ୍ରି – ଉପାସନାର ତୃତୀୟ ଦିନ ତାଙ୍କ ବିଗ୍ରହର ପୂଜା ଆରାଧନା କରାଯାଏ । ମାତାଙ୍କର ଏହି ସ୍ୱରୂପ ପରମ ଶାନ୍ତିଦାୟକ ଓ କଲ୍ୟାଣକାରୀ ଅଟେ । ଏହାଙ୍କ ମସ୍ତକରେ ଘଣ୍ଟା ଆକାରର ଅର୍ଦ୍ଧଚନ୍ଦ୍ର ବିରାଜିତ ହୋଇଥିବାରୁ ଏହାଙ୍କୁ ଚନ୍ଦ୍ରଘଣ୍ଟା ଦେବୀ କୁହାଯାଏ । ଚନ୍ଦ୍ରଘଣ୍ଟାଙ୍କର ଦେହର ରଙ୍ଗ ସୁନା ପରି ଉଜ୍ଜଳ । ସେ ଦଶଭୂଜା, ଦଶଭୁଜରେ ଖଡ଼୍‌ଗ ଆଦି ଶସ୍ତ୍ର ଓ ବାଣ ଆଦି ଅସ୍ତ୍ର ବିଭୂଷିତ । ସେ ସିହଂବାହିନୀ ଓ ଯୁଦ୍ଧ ନିମନ୍ତେ ଉଦ୍ୟତ ମୁଦ୍ରାରେ ବିରାଜିତ । ତାଙ୍କର ଘଣ୍ଟାମାନଙ୍କର ଭୟାନକ ପ୍ରଚଣ୍ଡ ଧ୍ୱନିରେ ଅତ୍ୟାଚାରୀ ଦାନବ ଦୈତ୍ୟ ରାକ୍ଷସମାନେ ସର୍ବଦା ପ୍ରକମ୍ପିତ ହେଉଥାନ୍ତି ।

ନବରାତ୍ର ଦୁର୍ଗାପୂଜାର ତୃତୀୟ ଦିବସରେ ପୂଜା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ସେ ଦିନ ସାଧକଙ୍କ ମନ 'ମଣିପୁର' ଚକ୍ରରେ ପ୍ରବେଶ କରେ । ମା' ଚନ୍ଦ୍ରଘଣ୍ଟାଙ୍କ କୃପାରୁ ସାଧକଙ୍କୁ ଅଲୌକିକ ବସ୍ତୁମାନଙ୍କର ଦର୍ଶନ ମିଳେ, ଦିବ୍ୟ ସୁଗନ୍ଧ ଅନୁଭବ ହୁଏ ତଥା ବିବିଧ ପ୍ରକାର ଦିବ୍ୟ ଧ୍ୱନି ଶୁଣିବାକୁ ମିଳେ । ସେହି କ୍ଷଣରେ ସାଧକକୁ ଅତ୍ୟନ୍ତ ସାବଧାନ ରହିବାକୁ ପଡେ ।

ମାତା ଚନ୍ଦ୍ରଘଂଟାଙ୍କ କୃପାରୁ ସାଧଙ୍କର ସମସ୍ତ ପାପ ଓ ବାଧା ବିନଷ୍ଟ ହୋଇଯାଏ । ଏହି ମା'ଙ୍କର ଆରାଧନା ସଦା ଫଳଦାୟୀ ଅଟେ । ତାଙ୍କର ମୁଦ୍ରା ସଦା ଯୁଦ୍ଧାଭିମୁଖୀ, ତେଣୁ ସେ ଭକ୍ତମାନଙ୍କ କଷ୍ଟକୁ ଅତିଶୀଘ୍ର ନିବାରଣ କରିଦିଅନ୍ତି । ତାଙ୍କର ବାହନ ସିଂହ ହୋଇଥିବାରୁ, ତାଙ୍କର ଉପସାକ ସିଂହ ପରି ପରାକ୍ରମୀ ଓ ନିର୍ଭୀକ ହୋଇଯାଆନ୍ତି । ମା'ଙ୍କର ଘଂଟାଧ୍ୱନି ସଦା ତାଙ୍କର ଭକ୍ତମାନଙ୍କୁ ପ୍ରେତ ବାଧାଦିରୁ ରକ୍ଷା କରେ । ତାଙ୍କର ଧ୍ୟାନ କରୁ କରୁ ହିଁ ଶରଣାଗତକୁ ରକ୍ଷା କରିବା ପାଇଁ ଘଂଟାଧ୍ୱନି ନିନାଦିତ ହୋଇଉଠେ ।

ଦୁଷ୍ଟଦଳନ ପାଇଁ ମାତା ସର୍ବଦା ତତ୍ପର ହୋଇ ରହିଥିଲେ ବି ଦର୍ଶକ ଓ ଆରାଧକଙ୍କ ନିମନ୍ତେ ମା'ଙ୍କର ସ୍ୱରୁପ ଅତ୍ୟନ୍ତ ସୌମ୍ୟ ଓ ଶାନ୍ତ ରହିଥାଏ । ମା'ଙ୍କର ଆରାଧନାରୁ ଏକ ବିଶେଷ ସଦ୍ ?ଗୁଣ ପ୍ରାପ୍ତ ହୁଏ । ସାଧକଙ୍କ ଭିତରରେ ବୀରତା ଓ ନିର୍ଭିକତା ସହିତ ସୌମ୍ୟତା ଓ ବିନମ୍ରତା ବି ବିକଶିତ ହୁଏ । ସାଧକଙ୍କ ମୁଖ, ନେତ୍ର ତଥା ସମଗ୍ର କାୟାରେ ଏକ ଅପୂର୍ବ କାନ୍ତି ଫୁଟି ଉଠେ । ସ୍ୱରରେ ଦିବ୍ୟ, ଅଲୌକିକ ମାଧୁର୍ଯ୍ୟର ସମାବେଶ ହୋଇଯାଏ । ମାତା ଚ଼ନ୍ଦ୍ରଘ[ାଙ୍କର ଭକ୍ତ ଓ ଉପାସକ ଯେଉଁଠି କି ଯାଆନ୍ତୁ ନା କାହିଁକି, ତାଙ୍କୁ ଦେଖି ସେଠାରେ ଲୋକେ ଶାନ୍ତି ଓ ସୁଖ ଅନୁଭବ କରନ୍ତି । ମା'ଙ୍କର ସାଧକଙ୍କ ଶରୀରରୁ ଦିବ୍ୟ ଜ୍ୟୋତିଯୁକ୍ତ ପରମାଣୁମାନଙ୍କର ଅଦୃଶ୍ୟ ଶକ୍ତି ବିକିରଣ ହୁଏ । ଏହି ଦିବ୍ୟ କ୍ରିୟା ସାଧାରଣ ରକ୍ତମାଂସର ଆଖିକୁ ଦେଖାଯାଏ ନାହିଁ, କିନ୍ତୁ ସାଧକ ଓ ତାଙ୍କ ସମ୍ପର୍କରେ ଆସୁଥିବା ଲୋକେ ଏହା ସ୍ପଷ୍ଟ ଅନୁଭବ କରନ୍ତି ।

ନିଜର ମନ, ବଚ଼ନ, କର୍ମ ଓ କାୟାକୁ ବିହିତ ବିଧି ବିଧାନ ଅନୁସାରେ ସମ୍ପୂର୍ଣ୍ଣ ଶୁଦ୍ଧ ପବିତ୍ର କରି, ଆମେ ମାତା ଚ଼ନ୍ଦ୍ରଘ[ାଙ୍କର ଶରଣାଗତ ହୋଇ ତାଙ୍କର ଉପାସନା ଆରାଧାନାରେ ତତ୍ପର ହେବା ଉଚ଼ିତ । ତାଙ୍କର ଉପାସନା ଫଳରେ ଆମେ ସକଳ ସାଂସରିକ କଷ୍ଟରୁ ବିମୁକ୍ତ ହୋଇ ସହଜରେ ପରମ ପଦର ଅଧିକାରୀ ହୋଇ ପାରିବା । ମା'ଙ୍କର ପବିତ୍ର ବିଗ୍ରହକୁ ନିରନ୍ତର ଆମ ଧ୍ୟାନରେ ରଖି ସାଧନାରେ ଅଗ୍ରସର ହେବାକୁ ପ୍ରୟତ୍ନ କରିବା ଆବଶ୍ୟକ । ତାଙ୍କର ଧ୍ୟାନ ଇହଲୋକ ଓ ପରଲୋକରେ ଆମର ପରମ କଲ୍ୟାଣ କରି ଆମ୍ଭ ସଦ୍‌ଗତି ପ୍ରଦାନ କରିବ ।



## କୃଷ୍ମାଣ୍ଡା

ସୁରାସମ୍ପୂର୍ଣ୍ଣକଳଶଂ ରୁଧିରାପ୍ଲୁତମେବ ଚ ।
ଦଧନା ହସ୍ତପଦ୍ମାଭ୍ୟାଂ କୃଷ୍ମାଣ୍ଡା ଶୁଭଦାସ୍ତୁ ମେ ।।

ମାତା ଦୁର୍ଗାଙ୍କର ଚତୁର୍ଥ ସ୍ୱରୂପର ନାମ କୃଷ୍ମାଣ୍ଡା । ନିଜର ମନ୍ଦହାସ ଦ୍ୱାରା ଅଣ୍ଡ ଅର୍ଥାତ୍ ବ୍ରହ୍ମାଣ୍ଡକୁ ଉତ୍ପନ୍ନ କରିଥିବା କାରଣରୁ ମାତାଙ୍କୁ କୃଷ୍ମାଣ୍ଡା ଦେବୀ ନାମରେ ଅଭିହିତ କରାଯାଇଛି ।

ଯେତେବେଳେ ସୃଷ୍ଟିର କୌଣସି ଅସ୍ତିତ୍ୱ ନଥିଲା, ଚତୁର୍ଦ୍ଦିଗରେ କେବଳ ଅନ୍ଧକାର ହିଁ ପରିବ୍ୟାପ୍ତ ହୋଇ ରହିଥିଲା, ସେତେବେଳେ ଏହି ଦେବୀ ନିଜର ଈଷତ୍ ହାସ୍ୟ ଦ୍ୱାରା ବ୍ରହ୍ମାଣ୍ଡ ରଚନା କରିଥିଲେ । ତେଣୁ ଏହି ମାତା ହିଁ ସୃଷ୍ଟିର ଆଦି-ସ୍ୱରୂପା ଆଦି ଶକ୍ତି ଅଟନ୍ତି । ତାଙ୍କ ପୂର୍ବରୁ ବ୍ରହ୍ମାଣ୍ଡର କୌଣସି ଅସ୍ତିତ୍ୱ ନଥିଲା ।

ଏହି ମା'ଙ୍କ ନିବାସ ସୂର୍ଯ୍ୟମଣ୍ଡଳର ଅନ୍ତଃଲୋକରେ । ସୂର୍ଯ୍ୟଲୋକରେ ନିବାସ କରିବାର କ୍ଷମତା ଓ ଶକ୍ତି କେବଳ ଏହାଙ୍କର ରହିଛି । ଏହାଙ୍କ ଶରୀରର କାନ୍ତି ଓ ପ୍ରଭା ମଧ ସୂର୍ଯ୍ୟ ସମାନ ଦେବାପ୍ୟମାନ ଓ ଭାସ୍ୱର । ଏଥିରୁ ଏହାଙ୍କର ତେଜର କଳନା କରାଯାଇପାରିବ । ତେଜ ଓ ପ୍ରଭାବରେ ଅନ୍ୟ କୌଣସି ଦେବୀ ଦେବତା ମା'ଙ୍କର ସମକକ୍ଷ ନୁହନ୍ତି । ମା'ଙ୍କର ତେଜ ଓ ପ୍ରକାଶରେ ଦଶଦିଗ ଉଦ୍‌ଭାସିତ ହେଉଛି । ବ୍ରହ୍ମାଣ୍ଡର ସକଳ ବସ୍ତୁର ତଥା ସମସ୍ତ ପ୍ରାଣୀମାନଙ୍କର ତେଜ ହେଉଛି ଏହି ମା'ଙ୍କ ତେଜର ଛାୟା ମାତ୍ର ।

ମା'ଙ୍କର ଭୂଜ ସଂଖ୍ୟା ଆଠ । ତେଣୁ ମା' ଅଷ୍ଟଭୂଜା ନାମରେ ମଧ ବିଖ୍ୟାତ । ତାଙ୍କର ସାତଟି ହାତରେ କ୍ରମାନ୍ୱୟରେ କମଣ୍ଡଳୁ, ଧନୁ, ବାଣ, କମଳପୁଷ୍ପ, ଅମୃତପୂର୍ଣ୍ଣ କଳସ, ଚକ୍ର ତଥା ଗଦା ରହିଛି । ଅଷ୍ଟମ ହାତରେ ରହିଛି ସର୍ବସିଦ୍ଧି-ସର୍ବନିଧି ପ୍ରଦାୟକ ଜପମାଳା ।

ମା'ଙ୍କ ବାହାନ ହେଉଛି ସିଂହ । ପାଣିକଖାରୁକୁ ସଂସ୍କୃତରେ କୃଷ୍ମାଣ୍ଡ କହନ୍ତି । ମା'ଙ୍କର ସବୁଠାରୁ ପ୍ରିୟ ବଳି ହେଉଛି ଏହି ପାଣିକଖାରୁ । ଏହି କାରଣରୁ ମଧ ତାଙ୍କର ନାମ କୃଷ୍ମାଣ୍ଡା ଅଟେ ।

ନବରାତ୍ର ପୂଜାର ଚତୁର୍ଥ ଦିନ କୃଷ୍ମାଣ୍ଡା ଦେବୀଙ୍କର ସ୍ୱରୂପକୁ ହିଁ ପୂଜା କରାଯାଏ । ସେଦିନ ସାଧକଙ୍କର ମନ 'ଅନାହତ' ଚକ୍ରରେ ସ୍ଥିତ ହୁଏ । ତେଣୁ ସେଦିନ ସାଧକ ଅତ୍ୟନ୍ତ ପବିତ୍ର ଓ ଅଚଞ୍ଚଳ ଚିତ୍ତରେ କୃଷ୍ମାଣ୍ଡା ଦେବୀଙ୍କର ସ୍ୱରୂପକୁ ଧ୍ୟାନରେ ରଖି ପୂଜା-ଉପାସନା କାର୍ଯ୍ୟରେ ଲାଗି ରହିବା ଉଚିତ । ମା' କୃଷ୍ମାଣ୍ଡାଙ୍କ ଉପାସନା କଲେ ଭକ୍ତଙ୍କର ସକଳ ରୋଗ ଶୋକ ବିନଷ୍ଟ ହୋଇଯାଏ । ମା'ଙ୍କୁ ଭକ୍ତି କଲେ ଆୟୁ, ଯଶ, ବଳ ଓ ସ୍ୱାସ୍ଥ୍ୟ ବୃଦ୍ଧି ହୁଏ । କୃଷ୍ମାଣ୍ଡା ଦେବୀ ଅତି ଅଳ୍ପ ସେବା ଓ ଭକ୍ତିରେ ପ୍ରସନ୍ନ ହୋଇଯାଆନ୍ତି । ଯଦି ମନୁଷ୍ୟ ନିର୍ମଳ ହୃଦୟରେ ମା'ଙ୍କର ଶରଣାଗତ ହୋଇଯିବ, ତା'ହେଲେ ତ ସେ ଅତି ସହଜରେ ପରମପଦ ପ୍ରାପ୍ତ ହୋଇଯିବ ।

କେବଳ ଏତିକି ଆବଶ୍ୟକ ଯେ, ଶାସ୍ତ୍ର-ପୁରାଣରେ ବର୍ଣ୍ଣିତ ବିଧି ବିଧାନ ଅନୁସାରେ ଆମକୁ ମାତା ଦୁର୍ଗାଙ୍କର ଉପାସନା କରି ଭକ୍ତିମାର୍ଗରେ ଦିବାନିଶି ଅଗ୍ରସର ହେବାକୁ ପଡ଼ିବ । ମାତାଙ୍କ ଭକ୍ତିମାର୍ଗରେ ଅଳ୍ପ କିଛି ପାଦ ଆଗକୁ ଚାଲୁ ଚାଲୁ ହିଁ ଭକ୍ତ ମା'ଙ୍କ କୃପାର ସୂକ୍ଷ୍ମ ଅନୁଭବ ପାଇଯାଆନ୍ତି । ଏହି ଦୁଃଖର ସଂସାର ତାଙ୍କ ପାଇଁ ଅତ୍ୟନ୍ତ ସୁଖଦ ଓ ସୁଗମ ହୋଇଯାଏ । ମା'ଙ୍କର ଉପାସନା ହିଁ ମନୁଷ୍ୟ ନିମନ୍ତେ ଭବସାଗରରୁ ପାର ହେବାର ସର୍ବାଧିକ ସୁଗମ ଓ ଶ୍ରେୟସ୍କର ଉପାୟ । ମାତା କୃଷ୍ମାଣ୍ଡାଙ୍କର ସକଳ ଆଧି ବ୍ୟାଧିରୁ ସର୍ବଦା ମୁକ୍ତ କରି ମନୁଷ୍ୟକୁ ସୁଖ, ଶାନ୍ତି ଓ ସମୃଦ୍ଧି ପଥରେ ନେଇଯାଏ । ତେଣୁ ନିଜର ଲୌକିକ-ପାରଲୌକିକ ଉନ୍ନତି ଚାହୁଁଥିବା ବ୍ୟକ୍ତି ଏହି ମା'ଙ୍କ ଉପାସନାରେ ସର୍ବଦା ତତ୍ପର ରହିବା ଆବଶ୍ୟକ ।



## ସ୍କନ୍ଦମାତା

ସିଂହାସନାଗତା ନିତ୍ୟଂ ପଦ୍ମାଶ୍ରିତକରଦ୍ୱୟା ।
ଶୁଭଦାସ୍ତୁ ସଦା ଦେବୀ ସ୍କନ୍ଦମାତା ଯଶସ୍ୱିନୀ ।

ମାତା ଦୁର୍ଗାଙ୍କର ପଞ୍ଚମ ସ୍ୱରୂପର ନାମ ସ୍କନ୍ଦମାତା । କୁମାର କାର୍ତ୍ତିକେୟଙ୍କର ଅନ୍ୟ ନାମ ସ୍କନ୍ଦ । ପ୍ରସିଦ୍ଧ ଦେବାସୁର ଯୁଦ୍ଧରେ ସେ ଦେବତାମାନଙ୍କର ସେନାପତି ହୋଇଥିଲେ । ପୁରାଣରେ ତାହାଙ୍କୁ କୁମାର ଓ ଶକ୍ତିଧର କହି ତାଙ୍କର ମହିମା ବର୍ଣ୍ଣନା କରାଯାଇଛି । କାର୍ତ୍ତିକେୟଙ୍କର ବାହାନ ମୟୂର, ତେଣୁ ତାଙ୍କୁ ମୟୁରବାହାନ ବୋଲି ମଧ କୁହାଯାଏ ।

ସେହି ଭଗବାନ ସ୍କନ୍ଦଙ୍କର ମାତା
(ସପ୍ତମ ପୃଷ୍ଠା ଦେଖନ୍ତୁ)

# ନିଟ୍ ପିଜିରେ ସର୍ବଭାରତୀୟ ସ୍ତରରେ ୧୨୯୧ ର୍‌ୟାଙ୍କରେ ସଫଳତା



ବୌଦ୍ଧ, (ନିପ୍ର) : ବୌଦ୍ଧ ଜିଲ୍ଲା ପଲସାଗୋରା ଶିକ୍ଷକ ନୀଳମଣି ପଣ୍ଡା ଓ ଶିକ୍ଷୟତ୍ରୀ ଜାହ୍ନବୀ ମିଶ୍ରଙ୍କ କନିଷ୍ଠ ପୁତ୍ର ଡ଼ା. ଶିଶିର କୁମାର ପଣ୍ଡା ସର୍ବଭାରତୀୟ ନିଟ ପରୀକ୍ଷାରେ ବିନା କୋଚିଙ୍ଗରେ ଭାରତୀୟ ରାଙ୍କ ୧୨୯୧ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ଡା. ଶିଶିର ୨୦୧୪ ମସିହାରେ +୨ ଉତ୍ତୀର୍ଣ୍ଣ ହେବା ପରେ ସେହି ବର୍ଷ ମଧ୍ୟ ବିନା କୋଚିଂରେ ଏମ୍‌ବିବିଏସ୍ ପାଇଥିଲେ ଓ ଭୀମସାରରେ ଡିଗ୍ରୀ ହାସଲ କରିଥିଲେ । ଏବେ ସେ ଜଣେ ଭଲ ଭେଷଜ ବିଶେଷଜ୍ଞ ହେବା ସହ ନିଜ ଅଞ୍ଚଳର ସେବା କରିବାକୁ ଲକ୍ଷ୍ୟ ଥିବା କହିଛନ୍ତି । ସେ ଜଣେ ଭଲ ଡାକ୍ତର ହେବା ସଙ୍ଗେ ସଙ୍ଗେ ଜଣେ ଭଲ ମଞ୍ଚ କଳାକାର ମଧ୍ୟ । ଜଣେ ମଧ୍ୟବିତ୍ତ ପରିବାରରୁ ଆସିଥିବା ଏହି ଡାକ୍ତର ମେଡିକାଲ ପାଇବାକୁ କୋଚିଂକୁ ଗୁରୁତ୍ୱ ନ ଦେଇ ନିଜ ଅଧ୍ୟବସାୟକୁ ବେଶୀ ଗୁରୁତ୍ୱ ଦେବା ଉଚିତ୍ ବୋଲି କହିଛନ୍ତି ।

# ରାଉରକେଲାରେ ପୁଣି ଏକ ହତ୍ୟାକାଣ୍ଡ : ଧାରୁଆ ଅସ୍ତ୍ରରେ ଯୁବକର ଗଳା କାଟି କରାଯାଇଛି ହତ୍ୟା, ପରକିଆ ପ୍ରୀତି ସନ୍ଦେହ

ରାଉରକେଲା, (ନିପ୍ର) : ରାଉଲକେଲାରେ ପୁଣି ଏକ ହତ୍ୟାକାଣ୍ଡ ଘଟିଯାଇଛି । ଧାରୁଆ ଅସ୍ତ୍ରରେ ଯୁବକର ଗଳାକାଟି ହତ୍ୟା କରାଯାଇଥିବା ନେଇ ଅନୁମାନ କରାଯାଉଛି । ସୂଚନା ଅନୁସାରେ, ରାଉରକେଲା ସହରର ସେକ୍ଟର ୫ ଦୀପିକା ଇଂଲିଶ ମିଡିଅମ୍ ସ୍କୁଲ ପାଖ ଗିରି ବଗିଚାରେ ଏକ ୩୦/୩୨ ବର୍ଷର ଯୁବକଙ୍କ ମୃତ ଦେହ ପଡିଥିବାର ଖବର ପାଇ ସେକ୍ଟର ୭ର ପୋଲିସ ଓ ପିସିଆର୍ ସେଠାରେ ପହଞ୍ଚିଥିଲେ । ମୃତ ଦେହକୁ ଚିହ୍ନଟ କରିବାର ବିଳମ୍ବ ହେଲେ ମଧ୍ୟ ପରେ ଜଣାପଡ଼ିଥିଲା ସେ ମନୁ ନାଗ ସେକ୍ଟର ୬ ମହିମା ଆଶ୍ରମ ବସ୍ତିର ବାସିନ୍ଦା ବୋଲି । ତେବେ ମୃତ ମନୁ ନାଗ ଗତକାଲି ସନ୍ଧ୍ୟାରୁ ଘରେ ନଥିବା ବେଳେ ପୋଲିସ ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାର୍ଡ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ମୃତ ମନୁ ନାଗଙ୍କ ପତ୍ନୀ ଏବଂ ତାଙ୍କ ମାଆ ସେଠାରେ ପହଞ୍ଚି ଏକ ଚାଂଚଲ୍ୟକର ବୟାନ ଦେଇଥିଲେ । ସେଇ ବୟାନକୁ ଆଧାର କରି ପୋଲିସ ତରଫରୁ କରାଯାଇଥିଲା ଅପରେସନ । ପରେ ସେହି ସେକ୍ଟର ୬ ମହିମା ବସ୍ତିର ଏକ ମଦବେପାରୀକୁ ଗିରଫ କରିଥିଲା ପୋଲିସ ।

# ଜାମଗାଁରେ ମା' ଚୋଟୀବୁଢ଼ୀଙ୍କ ଅଗ୍ନି ଓ ଛତର ଯାତ୍ରା



ନୂଆପଡ଼ା, (ନିପ୍ର) : ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଜାମଗାଁଠାରେ ଇଷ୍ଟଦେବୀ ମା' ଚୋଟୀବୁଢ଼ୀଙ୍କ ଅଗ୍ନିଯାତ୍ରା ସମ୍ପନ ହୋଇଯାଇଛି । ମା'ଙ୍କର ଅଲୌକିକ ଲୀଳା ଓ ଅଗ୍ନିଯାତ୍ରା ଦର୍ଶନ କରିବା ପାଇଁ ବିଭିନ୍ନ ଗ୍ରାମରୁ ହଜାର ହଜାର ଶ୍ରଦ୍ଧାଳୁମାନଙ୍କର ସମୋରୋହ ହୋଇଥିଲା । ଅନେକ ମାନସିକ ଧାରୀମାନେ ନିଜର ଇଚ୍ଛା ପୂରଣ କରିବା ପାଇଁ ମା'ଙ୍କୁ ଦର୍ଶନ କରିଥିଲେ । ଗୋଟିଏ ସପ୍ତାହ ପୂର୍ବରୁ ଅଗ୍ନିଯାତ୍ରା ପାଇଁ ମା' ଆଦେଶ ଦେଇଥିଲେ । ତାଙ୍କ ଆଦେଶକୁ ଶୁଣି ଗ୍ରାମର ସମସ୍ତ ଜନସାଧାରଣଙ୍କ ମନ ମଧ୍ୟରେ ଆନନ୍ଦର ଲହରୀ ଉଠିଥିଲା । ଏହି ଅଗ୍ନିଯାତ୍ରା କାର୍ଯ୍ୟକ୍ରମରେ ଝାଙ୍କର ଭୁଜବଳ ଭୋଇ, ଧବଳେଶ୍ୱର ଭୋଇ, ପୁସ୍ତମ ଭୋଇ, ଭୋଳାନାଥ ଭୋଇ, ମୋହନ ଭୋଇ, ଯୋଗେଶ୍ୱ ଭୋଇ, ପୂର୍ବ ବିଧି କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିଥିବା ବେଳେ ଦିଆରୀ ଭାବରେ ଯୁଧିଷ୍ଠିର କଟା, ନବର୍ଣ ଠେଲା, ନେତ୍ର ଭୋଇ, ହୀରାଲାଲ ଭୋଇ, ଭରତ ଭୋଇ, ହୃଦୟ ଭୋଇ, ଶାନ୍ତି ଭୋଇ, ଧୀରେନ୍ଦ୍ର ଚିନ୍ଦା, ତପେ ଠେଲା, କିସମ ଠେଲା, ଆଦିଙ୍କ ଦେହରେ ମା' ବିରାଜମାନ କରିଥିଲେ । ଶାନ୍ତି ଭକ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ମୁରଲୀଧର କଟା, ଗଙ୍ଗାରାମ ସଗରିଆ, ପୁନ୍ୟ କଟା, ଯଦୁମଣି ଭୋଇ, ସତ୍ୟବାନ ଭୋଇ, ରଶ୍ମିରଞ୍ଜନ କଟା, ଜଗଦୀଶ ନାଗ, ବ୍ରଜ କଟା, ମୂଳଚନ କଟା, ଦୁର୍ଲଭ କଟା, ପୁନ୍ୟ ନାଗ, ଦେବରାଜ କଟା, ହେତୁରାମ ଭୋଇ, ନେତ୍ର ଭୋଇ, ଡୋଲାମଣି ଯାଦବ, ଗୁପ୍ତେସ୍ୱର ଜଗତ, କୃଷ୍ଣ ସା, ଦୁଷ୍ମନ୍ତ ଠେଲା, ସୁବାସ ଠେଲା ପ୍ରମୁଖ ସହଯୋଗ କରିଥିଲେ ।

## ଜନ୍ମ କଲା ମା'ର ଅନ୍ତିମ ସତ୍କାର ପାଇଁ ଆସିଲା ନାହିଁ ଚାକିରିଆ ପୁଅ : ଶବ ସତ୍କାର କଲା ସଂକଳ୍ପ ପରିବାର

ବରଗଡ଼, (ନିପ୍ର) : ମା' ଜନ୍ମ ଦେଇଥିଲା ଦୁଇ ପୁଅ, ଆଜି ବ୍ୟାଙ୍କରେ ଚାକିରି କରି ବଡ ଲୋକ ପାଲଟିଥିବା ଉଭୟ ପୁଅ ମା'ର ଶେଷ ସମୟରେ ମଧ୍ୟ ପାଖ ମାଡିଲେ ନାହିଁ । ଶେଷ ଥର ପାଇଁ ମୁହଁ ଦେଖିବାକୁ ମଧ୍ୟ ଚାହିଁଲେ ନାହିଁ । ମା'ର ମୃତ୍ୟୁ ଖବର ପାଇବା ପରେ ମଧ୍ୟ ଶବ ସତ୍କାର ପାଇଁ ଆସିବାକୁ ମନା କରିଦେଇଥିଲେ । ଝିଅ ଓ ଜ୍ୱାଇଁଙ୍କ ଘରେ ରହୁଥିବା ବୃଦ୍ଧା ମା'ଙ୍କ ଶବ ପଡିରହିଥିବା ବେଳେ ଶବ ସତ୍କାର ପାଇଁ ଅସହାୟ ହୋଇ ପଡ଼ିଥିବା ଝିଅ ଓ ଜ୍ୱାଇଁ ଶେଷରେ ସମାଜସେବୀ ସଙ୍ଗଠନ ସଂକଳ୍ପ ପରିବାରର ସହାୟତା ଲୋଡ଼ି ଥିଲେ । ଏପରି ଏକ ଦୁର୍ଭାଗ୍ୟ ଜନକ ଘଟଣା ଘଟିଛି ବରଗଡ଼ ୧୮ ନମ୍ବର ୱାର୍ଡ଼ ସ୍ଥିତ ଆଶାକିରନ ନିକଟସ୍ଥ ମାତୃବିହାରଠାରେ । ସୂଚନା ଅନୁଯାୟୀ ୮୨ ବର୍ଷର ବୃଦ୍ଧା ମାୟା ବାନାର୍ଜୀଙ୍କର ଦୁଇ ପୁଅ ଏବଂ ଗୋଟେ ଝିଅ । ବଡ଼ ପୁଅ ଆଲୋକ ବାନାର୍ଜୀ ଏବଂ ସାନ ପୁଅ ମାଧବ ବାନାର୍ଜୀ ଉଭୟେ ଛତିଶଗଡ଼ ରାଜ୍ୟରେ ବ୍ୟାଙ୍କରେ ଚାକିରୀ କରନ୍ତି । ତେବେ ଝିଅ ଓ ଜ୍ୱାଇଁଙ୍କ ସଙ୍ଗେ ବୃଦ୍ଧା ଜଣକ ବରଗଡ଼ରେ ରହୁଥିବା ବେଳେ ଗତ କିଛିଦିନ ହେଲା ତାଙ୍କ ଦେହ ଅସୁସ୍ଥ ରହିଥିଲା । ଚିକିତ୍ସିତ ଅବସ୍ଥାରେ ବୃଦ୍ଧା ଜଣଙ୍କର ଆଜି ଭୋର ୫ଟାରେ ମୃତ୍ୟୁ ହୋଇଯାଇଥିବା ବେଳେ ପରିବାରରେ ଜ୍ୱାଇଁ ଏସ. ଏଲ ମୁଖାର୍ଜୀ ଓ ଝିଅ କାକୁଳି ମୁଖାର୍ଜୀ ଘରେ ଏକାକୀ ଥିବାରୁ ଶବ ସତ୍କାର ପାଇଁ ଅସହାୟ ହୋଇ ପଡ଼ିଥିଲେ । ଏହି ବଙ୍ଗାଳି ପରିବାର ବରଗଡ଼କୁ ଦୁଇ ବର୍ଷ ହେଲା ନୂତନ ଭାବେ ଆସି ରହୁଥିବା ବେଳେ ପାଖ ପଡୋଶୀ ଛଡ଼ା ତାଙ୍କ କେହି ସମ୍ପର୍କୀୟ ମଧ୍ୟ ବରଗଡ଼ରେ ନାହାନ୍ତି । ପଡ଼ୋଶୀ ସୁବୋଧ କୁମାର ସାହୁ ଏହି ଘଟଣା ବିଷୟରେ ସମାଜସେବୀ ସଙ୍ଗଠନ ସଂକଳ୍ପ ପରିବାରକୁ ଯୋଗାଯୋଗ କରି ଶବ ସତ୍କାର ପାଇଁ ସାହାଯ୍ୟ ମାଗିଥିଲେ । ତେବେ ଉକ୍ତ ପରିବାର ବାସ କରୁଥିବା ଆଶା କିରନ ନିକଟସ୍ଥ ମାତୃବିହାର ବାସଭବନକୁ ସଂକଳ୍ପ ପରିବାର ପହଞ୍ଚିଥିଲା ଏବଂ ଶବ ସତ୍କାର ପାଇଁ ଲାଗି ପଡିଥଲା । ଶବ ସତ୍କାର କରିବାକୁ ବରଗଡ଼ରେ କାଠ ମିଳିନଥିଲା ତେବେ କାଠର ଅଭାବ କାରଣରୁ ପଡ଼ୋଶୀ ସୁବୋଧ କୁମାର ସାହୁ ତାଙ୍କ ଗ୍ରାମ କରଲାଜୁରୀକୁ ଯୋଗାଯୋଗ କରିଥିଲେ ଏବଂ ସେଠାରୁ ଗାଁ ଲୋକେ ଟ୍ରାକ୍ଟର ଦ୍ୱାରା ପିପଲମୁଣ୍ଡା ସ୍ଥିତ କୋଭିଡ଼ ସ୍ୱର୍ଗଦ୍ୱାରକୁ କାଠ ଆଣି ପହଞ୍ଚିଥିବା ବେଳେ ସଂକଳ୍ପ ପରିବାରର ସହାୟତାରେ ବୃଦ୍ଧାଙ୍କ ଶବ ସତ୍କାର କରାଯାଇଥିଲା । ଏଠାରେ ଆଶ୍ଚର୍ଯ୍ୟର କଥା ଏହା ଯେ, ଶବ ସତ୍କାର ପାଇଁ ସମାଜସେବୀ ସଙ୍ଗଠନ ଆଗେଇ ଆସିଥିଲା ମାତ୍ର ବରଗଡ଼ର ଦୁର୍ଭାଗ୍ୟ ଯେ ବରଗଡ଼ରେ କାଠର ଅଭାବ କାରଣରୁ ଗ୍ରାମାଞ୍ଚଳରୁ କାଠ ଯୋଗାଡ଼ କରି ଆଣିବାକୁ ପଡିଥିଲା । ବରଗଡ଼ରେ ଶବ ସତ୍କାର ପାଇଁ କାଠର ଅଭାବ ଦୀର୍ଘ ଦିନରୁ ରହି ଆସିଥିଲେ ଶୁଦ୍ଧା ଜିଲ୍ଲା ପ୍ରଶାସନ ନିଘୋର ନିଦ୍ରାରେ ସୋଇ ରହିଛି ଏବଂ ଏହି ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ବର୍ତ୍ତମାନ ଦେଖାଯାଉ କେବେ ଏ ସମସ୍ୟାର ସମାଧାନ ହେଉଛି ।

# କର୍ମଚାରୀଙ୍କ ଭୁଲ୍ ଯୋଗୁଁ ମରାମତିର ଦିନକ ପରେ ପୁଣି ଖରାପ ହେଲା ଜାତୀୟ ରାଜପଥ



ଦେଓଗାଁ, (ନିପ୍ର) : ବରଗଡ଼ ବୋରିଗୁମ୍ମା ଜାତୀୟ ରାଜପଥର ଦେଓଗାଁ-ବଙ୍ଗଳା ମଧ୍ୟରେ ଥିବା ସୋନଗଡ ନଦୀର ବ୍ରିଜ ଉପର ରାସ୍ତାରେ ବହୁ ଗର୍ତ୍ତମାନ ଥିବାରୁ ସେଠାରେ ମରାମତି କାମ ଦୀର୍ଘ ଦିନ ହେଲାଣି ଆରମ୍ଭ ହୋଇଛି । ରାସ୍ତା ଉପରେ ଥିବା ସମସ୍ତ ଗର୍ତ୍ତକୁ ପ୍ରେସର୍ ମେସିନ ଦ୍ୱାରା ଖୋଲି ସେଠାରେ ନୂତନ ଭାବେ କଂକ୍ରିଟ କରାଯାଇଥିଲା । ହେଲେ ମରାମତି କରାଯାଇଥିବା ସ୍ଥାନରେ କୌଣସି ଘୋଡଣି ଦେଇ ନଥିବାରୁ ରାସ୍ତା ମାରମତିର କିଛି କ୍ଷଣ ମଧ୍ୟରେ ସେହି ରାସ୍ତାରେ ଯାନବାହାନ ଚଳାଚଳ ହୋଇଥିବାରୁ ରାସ୍ତାର ଅବସ୍ଥା ପୂର୍ବବସ୍ଥାକୁ ଫେରି ଆସିଥିଲା । ଗତ ଗୁରୁବାର ସଂଧ୍ୟାରେ କରାଯାଇଥିବା ମରାମତି କାମରେ ମରାମତିର ସବୁ ସ୍ଥାନରେ ପୁଣି ଖାଲ ଖମା ହୋଇଯାଇଛି । ହେଲେ ଏହା ପରେ ସେଠାରେ ଆଉ ମରାମତି ନ କରି ଛାଡ଼ି ଦେଇ ଚାଲି ଯାଇଥିବା ଦେଖିବାକୁ ମିଳିଛି । ଏବେ ରାସ୍ତାରେ ପୁଣି ଖାଲ ଖାମ ସୃଷ୍ଟି ହୋଇଛି । ଫଳରେ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ଜାତୀୟ ରାଜପଥରେ ଏଭଳି ମାନମାନି କାମ କିଭଳି ହେଲା, ରାସ୍ତା ମରାମତି କରିବା ପରେ କର୍ମଚାରୀଙ୍କ ଭୁଲ ଯୋଗୁଁ ପୁଣି ଖରାପ ହୋଇଥିବା ରାସ୍ତାକୁ ମରାମତି ନ କରି ଚାଲି ଯିବାର କାରଣ କଣ ବୋଲି ଅଞ୍ଚଳରେ ଆଲୋଚନା ଆରମ୍ଭ ହେଉଛି । ସୋନଗଡ ପୋଲ ଉପରେ ଏହି ରାସ୍ତା ଥିବାରୁ ତାକୁ ଯଥା ଶୀଘ୍ର ମରାମତି କରିବାକୁ ଦାବୀ ହେଉଛି ।

# ବରିଷ୍ଠ ମାଓ ନେତା ଆକ୍କିରାଜୁ ହରଗୋପାଲ୍ ମୃତ



ଛତିଶଗଡ଼ : ବରିଷ୍ଠ ମାଓ ନେତା ଆକ୍କିରାଜୁ ହରଗୋପାଲ୍ ଓରଫ୍ ରାମକ୍ରିଷ୍ଣାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ, ସେଣ୍ଟ୍ରାଲ କମିଟି ସଦସ୍ୟ ଆର୍‌କେ ଅଜଣା ରୋଗରେ ଦୀର୍ଘ ଦିନ ଧରି ଆକ୍ରାନ୍ତ ହୋଇ ଅସୁସ୍ଥ ଥିଲେ । ଛତିଶଗଡ଼ ଦକ୍ଷିଣ ବସ୍ତର ଜଙ୍ଗଲରେ ଆର୍‌କେଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି ।

# ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିଲା ମାଟିବନ୍ଧ ଡ୍ୟାମ



ପଦ୍ମପୁର, (ନିପ୍ର) : ପଦ୍ମପୁର ଉପଖଣ୍ଡ ଜମରତଲା ପଞ୍ଚାୟତଠାରେ ଥିବା କଣ୍ଣେଶ୍ୱରପୁର ମାଟିବନ୍ଧ ପ୍ରୋଜେକ୍ଟ ରକ୍ଷଣାବେକ୍ଷଣ ଅଭାବରୁ ଆଜି ଭାଙ୍ଗିଯାଇ ବ୍ୟାପକ ନଷ୍ଟ ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ କଣ୍ଣେଶ୍ୱରପୁର ମାଟିବନ୍ଧରେ ସରକାରଙ୍କ ନିର୍ଦ୍ଧାରଣ ଅନୁସାରେ ୩୨୦ ହେକ୍ଟର ଜମି ଜଳ ସେଚିତ ହୋଇଥାଏ । ଚଳିତ ଖରିଫ ଋତୁରେ ସ୍ୱଳ୍ପ ବର୍ଷା ଯୋଗୁଁ ଧାନ ଫସଲ ନଷ୍ଟ ହୋଇଥିଲା କିନ୍ତୁ ସେପ୍ଟେମ୍ବର ମାସରେ ଲଘୁଚାପ ଯୋଗୁଁ ମାଟିବନ୍ଧରେ ପାଣି ଭର୍ତ୍ତି ହୋଇଥିଲା ଏବଂ ଯାହା କିଛି ଧାନ ବଞ୍ଚିଥିଲା ଏହି ଡ୍ୟାମର ପାଣିରେ ଚାଷ କରିବା ପାଇଁ ଚାଷୀମାନେ ଆଶା ରଖିଥିଲେ ହେଲେ ଦୀର୍ଘ ଦିନ ହେବ ରକ୍ଷଣାବେକ୍ଷଣ ହୋଇନଥିବାରୁ ଆଜି ଭାଙ୍ଗି ଯାଇଛି । ମାଟିବନ୍ଧରେ ଦୁର୍ବଳତା ଥିବା ନେଇ ଅଞ୍ଚଳର ଚାଷୀମାନେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାମ ହୋଇ ନଥିଲା ଫଳରେ ଏଭଳି ଦୁର୍ଘଟଣା ଘଟିଲା । ଏହି ସ୍ଥାନରେ ସ୍ଥାୟୀ ପ୍ରତିକାର ପାଇଁ ଚାଷୀମାନେ ଦାବୀ କରିଛନ୍ତି ।

# ଟ୍ରୁକଲରରେ ବଲାଙ୍ଗିର ଏସ.ପି.ଙ୍କ ଫେକ୍ ମୋବାଇଲ ନଂବରରେ ୩ଲକ୍ଷ ଟଙ୍କା ଦାବୀ : ଟଙ୍କା ନ ଦେଲେ ଜୀବନରେ ମାରିଦେବା ଧମକ, ୩ଜଣ କୋର୍ଟ ଚାଲାଣ, ଜଣେ ଫେରାର

କଂଟାବାଂଜି, (ନିପ୍ର) : ଟ୍ରୁକଲରରେ ବଲାଙ୍ଗିର ପୋଲିସ ଆରକ୍ଷୀ ଅଧିକ୍ଷକଙ୍କ ଫେକ୍ ନଂବରରେ ଜଣେ ବ୍ୟକ୍ତିଙ୍କୁ ୩ ଲକ୍ଷ ଟଙ୍କା ୪ ଜଣ ବ୍ୟକ୍ତି ଦାବୀ କରିବା ପରେ ପୋଲିସ ଦ୍ୱାରା ମୋବାଇଲ ଟ୍ରାକିଂଗରେ ୩ଜଣ ଗୁରୁବାର କୋର୍ଟ ଚାଲାଣ ହୋଇଥିବା ବେଳେ ଜଣେ ଫେରାର ମାରିଥିବା ପୋଲିସ ସୂତ୍ରରୁ ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ ଗତ ୭/୧୦/୨୦୨୧ ରାତି ଆଠଟାରେ ଚାରି ଜଣ ବ୍ୟକ୍ତି ସେମାନେ ହେଲେ ମାକରଚୁଆଁର ଆନନ୍ଦ ରଣା, ମହେଶ ବେହେରା, ମହାବିର କଲୋନି କଂଟାବାଂଜିର ରିସଭ ଅଗ୍ରୱାଲ ଓ ପ୍ରତିକ ଅଗ୍ରୱାଲ ଫେକ୍ ଫୋନ ନଂ.୯୮୨୭୬୫୯୫୩୭ରେ ପ୍ରେମଚନ୍ଦ ଅଗ୍ରୱାଲଙ୍କୁ ତାଙ୍କ ପୁଅ ୩ ଲକ୍ଷ ଟଙ୍କା ନେଇଛି ଯଥା ଶୀଘ୍ର ଆମ୍ଭଙ୍କୁ ଦିଅ ନଚେତ ଜୀବନରେ ମାରିଦେବୁ ବୋଲି ଫୋନରେ ଧମକ ଦେଇଥିଲେ । ଏହି ଫୋନ ପାଇଲା ପରେ ପ୍ରେମଚନ୍ଦ ଛାନବିନ୍ କରିବା ମଧ୍ୟରେ ଯାଣି ପାରି ନ ଥିଲେ ପରେ ଆସିଥିବା ଫୋନ ନଂବରଟି ବଲାଙ୍ଗିର ଏସ.ପି.ଙ୍କ ବୋଲି ଟ୍ରୁକଲରରେ ଦେଖିବାକୁ ମିଳିଥିବାରୁ ଗତ ୧୪/୧୦/




୨୦୨୧ଦିନ ପ୍ରେମଚନ୍ଦ କଂଟାବାଂଜି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହା ଉପରେ ବଲାଙ୍ଗିର ଏସ.ପି. ଏବଂ କଂଟାବାଂଜି ପୋଲିସ ଫୋନ ନଂବରକୁ ଟ୍ରାକିଂଗ କରିବା ମଧ୍ୟରେ ଆନନ୍ଦ, ମହେଶ ଓ ରିସଭକୁ ଗିରଫ କରି ଗୁରୁବାର ଦିନ କଂଟାବାଂଜି ଥାନା କେସ ନଂ.୨୪୨/୨୦୨୧ ଦଫା ୩୮୪, ୪୬୭, ୫୦୬,୧୨୦(ବି) ଆଇ.ପି.ସି. ରୁଜୁ କରି କୋର୍ଟ ଚାଲାଣ କରାଯାଇଛି । ଅନ୍ୟ ଜଣେ ପ୍ରତିକ ଅଗ୍ରୱାଲ ଫେରାର ଥିବା ବେଳେ ୩ଜଣଙ୍କ ଜାମିନ ନ ହେବାରୁ ସ୍ଥାନୀୟ ସବ୍ ଜେଲ ହାଜତକୁ ପଠାଯାଇଛି ।

# ମା' ଜଗତ ଜନନୀଙ୍କ ଦଶହରା ପୂଜନୋତ୍ସବ : ନଅ ରୂପରେ ମା'.... (ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ)

ହୋଇଥିବାରୁ ମା' ଦୁର୍ଗାଙ୍କର ଏହି ପଞ୍ଚମ ସ୍ୱରୂପର ନାମ ସ୍କନ୍ଦମାତା ହୋଇଛି । ନବରାତ୍ରି ପୂଜାର ପଞ୍ଚମ ଦିବସରେ ଏହାଙ୍କର ଉପାସନା କରାଯାଏ । ଏହି ଦିନ ସାଧକଙ୍କର ମନ ବିଶୁଦ୍ଧ ଚକ୍ରରେ ଅବସ୍ଥିତ ହୁଏ । ମା'ଙ୍କର ବିଗ୍ରହରେ ଭଗବାନ ସ୍କନ୍ଦ ବାଳରୂପରେ କୋଳରେ ବସିଥାନ୍ତି । ସ୍କନ୍ଦମାତା ଦେବୀଙ୍କର ଚାରି ଭୂଜ । ଡାହାଣ ପଟର ଉପର ହାତରେ ସେ ଭଗବାନ ସ୍କନ୍ଦଙ୍କୁ କୋଳରେ ବସାଇ ଧରିଥାନ୍ତି ଏବଂ ସେହି ପଟର ତଳ ହାତଟି ଉପରକୁ ଟେକି ସେଥିରେ କମଳ ପୁଷ୍ପଟିଏ ଧରିଥାନ୍ତି । ବାମ ପଟର ଉପରେ ହାତରେ ବରମୁଦ୍ରା ଦେଖାଉଥିବା ବେଳେ ତଳ ହାତ ଉପରକୁ ଟେକି ସେଥିରେ ବି କମଳ ପୁଷ୍ପ ଧାରଣ କରିଥାନ୍ତି ।

ମା'ଙ୍କର ବର୍ଣ୍ଣ ପୂର୍ଣ୍ଣତଃ ଶୁଭ୍ର । ସେ କମଳ ଆସନରେ ବସିଥାନ୍ତି, ତେଣୁ ତାଙ୍କର ଅନ୍ୟ ନାମ ପଦ୍ମାସନା ଅଟେ । ସିଂହ ମା'ଙ୍କର ବାହନ ଅଟେ । ଶାସ୍ତ୍ରରେ ନବରାତ୍ର ପୂଜାର ପଂଚମ ଦିବସର ବିଶେଷ ମହତ୍ତ୍ୱ କୁହାଯାଇଛି । ବିଶୁଦ୍ଧ ଚକ୍ରରେ ଯେଉଁ ସାଧକଙ୍କର ମନ ଅବସ୍ଥିତ ଥାଏ, ତାଙ୍କର ସମସ୍ତ ବାହ୍ୟ କ୍ରିୟା ଓ ଚିତ୍ତବୃତ୍ତି ଲୋପ ହୋଇଯାଏ । ସେ ବିଶୁଦ୍ଧ ଚୈତନ୍ୟ ଆଡ଼କୁ ଅଗ୍ରସର ହେଉଥାନ୍ତି । ତାଙ୍କର ମନ ସକଳ ଲୌକିକ, ସାଂସାରିକ ତଥା ମାୟିକ ବନ୍ଧନରୁ ବିମୁକ୍ତ ହୋଇ ପଦ୍ମାସନା ସ୍କନ୍ଦମାତାଙ୍କ ସ୍ୱରୂପରେ ପୂର୍ଣ୍ଣତଃ ତଲ୍ଲୀନ ହୋଇଯାଏ । ଏହି ସମୟରେ ସାଧକ ପୂର୍ଣ୍ଣ ସାବଧାନ ହୋଇ ଉପାସନା କାର୍ଯ୍ୟରେ ଅଗ୍ରସର ହେବା ଆବଶ୍ୟକ । ସେ ନିଜର ସମସ୍ତ ଧ୍ୟାନ ବୃତ୍ତିକୁ ଏକାଗ୍ର କରି ସାଧନା ପଥରେ ଆଗକୁ ଯିବାକୁ ହୁଏ ।

ମା' ସ୍କନ୍ଦମାତାଙ୍କର ଉପାସନା କଲେ ଭକ୍ତଙ୍କର ସକଳ ଇଚ୍ଛା ପୂର୍ଣ୍ଣ ହୋଇଯାଏ ବୋଲି ବିଶ୍ୱାସ ରହିଛି । ଏହି ମୃତ୍ୟୁଲୋକରେ ବି ତାଙ୍କୁ ପରମ ଶାନ୍ତି ଓ ସୁଖ ଅନୁଭବ ହୁଏ । ତାଙ୍କ ପାଇଁ ମୋକ୍ଷର ଦ୍ୱାର ଖୋଲିବା ସ୍ୱତଃ ସୁଲଭ ହୋଇଥାଏ । ସ୍କନ୍ଦମାତାଙ୍କୁ ଉପାସନା କଲେ ତା' ସହିତ ଭଗବାନ ସ୍କନ୍ଦଙ୍କର ଉପାସନା ବି ସ୍ୱତଃ ହୋଇଯାଏ । ଏହି ବିଶେଷତା କେବଳ ଏକନିଷ୍ଠ ଭକ୍ତଙ୍କୁ ମିଳେ । ତେଣୁ ସ୍କନ୍ଦମାତାଙ୍କ ଉପାସନା ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ । ମାତା ସୂର୍ଯ୍ୟମଣ୍ଡଳର ଅଧିଷ୍ଠାତ୍ରୀ ଦେବୀ ହୋଇଥିବାରୁ ତାଙ୍କର ଉପାସକ ଅଲୌକିକ ତେଜ ଓ କାନ୍ତିରେ ସଂପନ୍ନ ହୋଇଯାଆନ୍ତି । ତାଙ୍କର ଚତୁର୍ଦ୍ଦିଗରେ ଏକ ଅଲୌକିକ ପ୍ରଭାମଣ୍ଡଳ ଅଦୃଶ୍ୟ ଭାବରେ ପରିବ୍ୟାପ୍ତ ହୋଇଯାଏ ।



## କାତ୍ୟାୟନୀ

ଚନ୍ଦ୍ରହାସୋଜ୍ଜ୍ୱଳକରା ଶାର୍ଦୁଳବରବାହନା ।
କାତ୍ୟାୟନୀ ଶୁଭଂ ଦଦ୍ୟାଦ୍ଦେବୀ
ଦାନବଘାତିନୀ । ।

ମାତା ଦୁର୍ଗାଙ୍କର ଷଷ୍ଠ ସ୍ୱରୂପର ନାମ ହେଉଛି କାତ୍ୟାୟନୀ । ଏହି ନାମ ପଛରେ ଏକ ବୃତ୍ତାନ୍ତ ରହିଛନ୍ତି । 'କତ' ନାମରେ ଜଣେ ପ୍ରସିଦ୍ଧ ମହର୍ଷି ଥିଲେ । ତାଙ୍କର ପୁତ୍ର ଋଷି କାତ୍ୟା ଥିଲେ । ସେହି କାତ୍ୟାଙ୍କ ଗୋତ୍ରରେ ବିଶ୍ୱପ୍ରସିଦ୍ଧ ମହର୍ଷି କାତ୍ୟାୟନ ଜନ୍ମ ହୋଇଥିଲେ । ସେ ଭଗବତୀ ପରାମ୍ବାଙ୍କ ଉପାସନା କରି ବହୁ ବର୍ଷ ଘୋର ତପସ୍ୟାରେ ରତ ହୋଇଥିଲେ । ତାଙ୍କର ଇଚ୍ଛା ଥିଲା ଯେ ତାଙ୍କ ଘରେ ଭଗବତୀ ଝିଅ ହୋଇ ଜନ୍ମ ହୁଅନ୍ତୁ । ମାତା ଭକ୍ତଙ୍କର ସେହି ପ୍ରାର୍ଥନା ସ୍ୱୀକାର କରିଥିଲେ ।

କିଛି କାଳ ପରେ ପୃଥିବୀରେ ଯେତେବେଳେ ଦାନବ ମହିଷାସୁରର ଅତ୍ୟାଚାର ବଢ଼ି ଚାଲିଲା, ସେତେବେଳେ ମହିଷାସୁରକୁ ବିନାଶ କରିବା ନିମନ୍ତେ ଭଗବାନ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ନିଜ ନିଜ ତେଜର ଅଂଶ ଦେଇ ଏକ ଦେବୀଙ୍କୁ ଉତ୍ପନ୍ନ କଲେ । ସର୍ବ ପ୍ରଥମେ ମହର୍ଷି କାତ୍ୟାୟନ ସେହି ଦେବୀଙ୍କୁ ପୂଜା କରିଥିଲେ, ମାତା ତାଙ୍କର କନ୍ୟା ରୂପେ ଜନ୍ମ ହୋଇ ତାଙ୍କର ଇଚ୍ଛା ପୂରଣ କରିଥିଲେ ଓ କାତ୍ୟାୟନୀ ନାମ ପାଇଥିଲେ ।

ଅନ୍ୟ ଏକ କଥା ଅନୁସାରେ ମାତା କାତ୍ୟାୟନଙ୍କ ଘରେ ଝିଅ ହୋଇ ଜନ୍ମିଥିଲେ ଓ କାତ୍ୟାୟନ ଋଷିଙ୍କର ପୂଜା ଗ୍ରହଣ କରି ଦଶମୀ ଦିନ ମହିଷାସୁରକୁ ବଧ କରିଥିଲେ ।

ମାତା କାତ୍ୟାୟନୀ ହେଉଛନ୍ତି ଅମୋଘ ଫଳଦାୟିନୀ । ବ୍ରଜଗୋପୀମାନେ ଭଗବାନ ଶ୍ରୀକୃଷ୍ଣଙ୍କୁ ପତି ରୂପରେ ପାଇବା ନିମନ୍ତେ ଯମୁନା ତଟରେ ଏହି ମାତାଙ୍କର ପୂଜା କରିଥିଲେ । ଏହି ମାଆ ବ୍ରଜମଣ୍ଡଳର ଅଧିଷ୍ଠାତ୍ରୀ ଦେବୀ ରୂପେ ପ୍ରତିଷ୍ଠିତା । ଏହି ମା'ଙ୍କର ସ୍ୱରୂପ ଅତ୍ୟନ୍ତ ଭବ୍ୟ ଓ ଦିବ୍ୟ । ଏହାଙ୍କର ବର୍ଣ୍ଣ ସୁବର୍ଣ୍ଣ ପରି ଉଜ୍ଜ୍ୱଳ ଓ ଭାସ୍ୱର । ମାତା ଚତୁର୍ଭୁଜା । ମାତାଙ୍କ ଦକ୍ଷିଣ ପଟର ଉପର ହାତରେ ଅଭୟ ମୁଦ୍ରା ଓ ତଳ ହାତରେ ବର ମୁଦ୍ରା; ବାଆ ପଟର ଉପର ହାତରେ ତରବାରୀ ଓ ତଳ ହାତରେ ପ୍ରସ୍ଫୁଟିତ ପଦ୍ମ ଶୋଭାପାଏ, ମାତା ସିଂହବାହିନୀ ଅଟନ୍ତି ।

ଦୁର୍ଗାପୂଜାର ଷଷ୍ଠ ଦିବସରେ ମା'ଙ୍କର ଏହି ସ୍ୱରୂପର ପୂଜା କରାଯାଏ । ସେ ଦିନ ସାଧକଙ୍କ ମନ 'ଆଜ୍ଞା' ଚକ୍ରରେ ସ୍ଥିତ ହୁଏ । ଯୋଗସାଧନାରେ ଏହି ଆଜ୍ଞା ଚକ୍ରର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି । ଏହି ଚକ୍ରରେ ସ୍ଥିତମାନ ସାଧକ ମାତା କାତ୍ୟାୟନୀଙ୍କ ଚରଣରେ ନିଜର ସର୍ବସ୍ୱ ନିବେଦନ କରିଦିଏ । ସଂପୂର୍ଣ୍ଣ ଆତ୍ମଦାନକାରୀ ସାଧକ ଅତି ସହଜରେ ମା'ଙ୍କର ଦର୍ଶନ ପାଇଯାଆନ୍ତି । ମାତା କାତ୍ୟାୟନୀଙ୍କୁ ଭକ୍ତି ଓ ଉପାସନା କରି ମନୁଷ୍ୟ ଅତି ସହଜରେ ଅର୍ଥ, ଧର୍ମ, କାମ, ମୋକ୍ଷ – ଚତୁର୍ବର୍ଗ ଫଳ ପ୍ରାପ୍ତି କରିଥାଏ । ମା'ଙ୍କ ଆଶିଷ ଲାଭକାରୀ ବ୍ୟକ୍ତି ଇହଲୋକରେ ଥାଇ ମଧ୍ୟ ଅଲୌକିକ ତେଜ ଓ ପ୍ରଭାବର ଅଧିକାରୀ ହୋଇପାରେ ।



## କାଳରାତ୍ରୀ

ଏକବେଣୀ ଜପାକର୍ଣ୍ଣପୂରା ନଗ୍ନା ଖରାସ୍ତ୍ରିତା ।
ଲମ୍ବୋଷ୍ଠୀ କର୍ଣ୍ଣକାକର୍ଣ୍ଣୀ ତୈଳାଭ୍ୟକ୍ତଶରୀରିଣୀ ।
ବାମପାଦୋଲ୍ଲସଲ୍ଲୋହଲ ତାକ[କଭୂଷଣା ।
ବର୍ଦ୍ଧନର୍ମୂଧଧ୍ୱଜା କୃଷ୍ଣା କାଳରାତିର୍ଭୟଙ୍କରା । ।

ମାତା ଦୁର୍ଗାଙ୍କର ସପ୍ତମ ଶକ୍ତି କାଳରାତ୍ରୀ ନାମରେ ବିଖ୍ୟାତ । ଏହାଙ୍କ ଶରୀରର ରଙ୍ଗ ଅନ୍ଧକାର ରାତ୍ରି ପରି ଗାଢ଼ କଳା । ମସ୍ତକର କେଶ ମୁକୁଳା । କଣ୍ଠରେ ବିଜୁଳି ପରି ଉଜ୍ଜ୍ୱଳ ମାଳା ଝଟକୁଥାଏ । ମାତାଙ୍କର ତିନୋଟି ନେତ୍ର ଏବଂ ଏହି ତିନୋଟି ନେତ୍ର ବ୍ରହ୍ମାଣ୍ଡ ସଦୃଶ ଗୋଲାକାର । ତାଙ୍କ ନାସିକାରୁ ପ୍ରବାହିତ ଶ୍ୱାସପ୍ରଶ୍ୱାସରେ ଅଗ୍ନିର ଜ୍ୱାଳା ବାହାରୁଥାଏ । ତାଙ୍କର ବାହନ ଗର୍ଦ୍ଦଭ – ଗଧ । ସେ ଚତୁର୍ଭୁଜା । ଡାହାଣ ପଟର ଉପର ହାତ ଟେକି ସେ ବରମୁଦ୍ରାରେ ସମସ୍ତଙ୍କୁ ବରଦାନ କରନ୍ତି ଓ ତଳ ହାତ ଅଭୟ ମୁଦ୍ରାରେ ଥାଏ । ବାଆଁ ପଟ ଉପର ହାତରେ ଲୁହାର କ[। ଓ ତଳ ହାତରେ ଖଡ୍ ?ଗ ବା କଟାର ଶୋଭାପାଏ ।

ମାତା କାଳରାତ୍ରିଙ୍କର ସ୍ୱରୂପ ଦେଖିବାକୁ ଅତ୍ୟନ୍ତ ଭୟଙ୍କର । କିନ୍ତୁ ସେ ସର୍ବଦା ଶୁଭ ଫଳ ହିଁ ପ୍ରଦାନ କରନ୍ତି । ତେଣୁ ତାଙ୍କର ଅନ୍ୟ ନାମ 'ଶୁଭଙ୍କରୀ' ଅଟେ । ସୁତରାଂ ତାଙ୍କୁ ଦେଖି ଭକ୍ତମାନେ କୌଣସି ପ୍ରକାର ଭୟଭୀତ ବା ଆତଙ୍କିତ ହେବା ଅନୁଚିତ ।

ଦୁର୍ଗାପୂଜାର ସପ୍ତମ ଦିନ ମାତା କାଳରାତ୍ରିଙ୍କର ଉପାସନାର ବିଧାନ ରହିଛି । ସେଦିନ ସାଧକଙ୍କ ମନ 'ସହସ୍ରାର' ଚକ୍ରରେ ସ୍ଥିତ ରହେ । ତାଙ୍କ ପାଇଁ ବ୍ରହ୍ମାଣ୍ଡର ସକଳ ସିଦ୍ଧିର ଦ୍ୱାର ଖୋଲିଯାଏ । ଏହି ଚକ୍ରରେ ସ୍ଥିତ ସାଧକର ମନ ପୂର୍ଣ୍ଣତଃ ମାତା କାଳରାତ୍ରିଙ୍କ ସ୍ୱରୂପରେ ଲାଗିରହେ । ମା'ଙ୍କ ସାକ୍ଷାତ୍ ?କାଳରୁ ମିଳୁଥିବା ପୁଣ୍ୟରେ ସେ ଭାଗୀ ହୋଇଯାଆନ୍ତି । ତାଙ୍କର ସକଳ ପାପ ଓ ବିଘ୍ନ ନଷ୍ଟ ହୋଇଯାଇ ତାଙ୍କ ଅକ୍ଷୟ ପୁଣ୍ୟଲୋକ ପ୍ରାପ୍ତି ହୁଏ ।

ମାତା କାଳରାତ୍ରି ଦୁଷ୍ଟବିନାଶିନୀ ଅଟନ୍ତି । ତାଙ୍କ ସ୍ମରଣ ମାତ୍ରେ ଦାନବ, ଦୈତ୍ୟ, ରାକ୍ଷସ, ଭୂତ, ପ୍ରେତ ଆଦି ସମସ୍ତେ ଭୟଭୀତ ହୋଇ ପଳାୟନ କରନ୍ତି । ମା' ଗ୍ରହଦୋଷକୁ ମଧ୍ୟ ଦୂର କରନ୍ତି । ତାଙ୍କର ଉପାସକଙ୍କୁ ଅଗ୍ନିଭୟ, ଜଳଭୟ, ଶତ୍ରୁଭୟ, ରାତ୍ରିଭୟ ଆଦି କୌଣସି ଭୟ ଛୁଇଁ ପାରେନାହିଁ । ମା'ଙ୍କ କୃପାରୁ ସର୍ବା ଭୟମୁକ୍ତ ହୋଇ ରୁହନ୍ତି ।

## ମହାଗୌରୀ

ଶ୍ୱେତବୃଷେ ସମାରୂଢ଼ା ଶ୍ୱେତାମ୍ବରଧରା ଶୁଚିଃ ।
ମହାଗୌରୀ ଶୁଭଂ ଦଦ୍ୟାନ୍
ମହାଦେବପ୍ରମୋଦଦା । ।

ମାତା ଦୁର୍ଗାଙ୍କର ଅଷ୍ଟମ ଶକ୍ତିର ନାମ ମହାଗୌରୀ । ତାଙ୍କର ବର୍ଣ୍ଣ ସଂପୂର୍ଣ୍ଣ ଗୌର । ମା'ଙ୍କର ଗୌର ବର୍ଣ୍ଣ ବର୍ଣ୍ଣନା କରି ଶଙ୍ଖ, ଚକ୍ର ଓ କୁନ୍ଦଫୁଲର ଉପମା ଦିଆଯାଏ । ତାଙ୍କର ଆୟୁ ଆଠ ବର୍ଷ ବୋଲି ଧରାଯାଏ – 'ଅଷ୍ଟବର୍ଷା ଭବେତ୍ ଗୌରୀ' । ତାଙ୍କର ସମସ୍ତ ବସ୍ତ୍ର ଓ ଆଭୂଷଣ ମଧ୍ୟ ଶ୍ୱେତ । ମା' ଚତୁର୍ଭୁଜା ଓ ବୃଷବାହିନୀ । ତାଙ୍କର ଡାହାଣ ପଟ ଉପର ହାତରେ ଅଭୟ ମୁଦ୍ରା ଓ ତଳ ହାତରେ ତ୍ରିଶୂଳ ଏବଂ ବାଆଁ ପଟ ଉପର ହାତରେ ଡମ୍ବରୁ ଓ ତଳ ହାତରେ ବରମୁଦ୍ରା ଶୋଭିତ । ତାଙ୍କର ମୁଦ୍ରା ଅତ୍ୟନ୍ତ ଶାନ୍ତି ।

ପାର୍ବତୀ ରୂପରେ ସେ ଭଗବାନ ଶିବଙ୍କୁ ପତି ରୂପେ ପାଇବାକୁ କଠୋର ତପସ୍ୟା କରିଥିଲେ । ସେ ପ୍ରତିଜ୍ଞା କରିଥିଲେ, ବ୍ରିୟେଽହଂ ବରଦଂ ଶମ୍ଭୁ ନାନ୍ୟ ଦେବଂ ମହେଶ୍ୱରାତ୍ (ନାରଦ ପଂଚରାତ୍ର) । ଗୋସ୍ୱାମୀ ତୁଳସୀ ଦାସଙ୍କ ଭାଷାରେ ବି ଭଗବାନ ଶିବଙ୍କୁ ବରଣ କରିବା ପାଇଁ ସେ କଠୋର ସଂକଳ୍ପ କରିଥିଲେ – 'ଜନ୍ମ କୋଟି ଲଗି ରଗର ହମାରୀ । ବରଉଁ ସଂଭୂ ନ ତ ରହଉଁ କୁଆଁରୀ । ।'

ସେଠି କଠୋର ତପସ୍ୟା ହେତୁ ତାଙ୍କର ଶରୀର କଳାକାଠ ପଡ଼ି ଯାଇଥିଲା । ତାଙ୍କର ତପସ୍ୟାରେ ପ୍ରସନ୍ନ ଓ ସନ୍ତୁଷ୍ଟ ହୋଇ ଭଗବାନ ଶିବ ଯେତେବେଳେ ତାଙ୍କର ଶରୀରକୁ ପବିତ୍ର ଗଙ୍ଗାଜଳରେ ଧୋଇ ମାଜି ଦେଲେ, ସେତେବେଳେ ତାହା ବିଦ୍ୟୁତ୍ ପ୍ରଭା ପରି ଅତ୍ୟନ୍ତ କାନ୍ତିମାନ ଗୌର ହୋଇଗଲା । ସେହି ଦିନୁ ତାଙ୍କର ନାମ ହୋଇଗଲା ମହାଗୌରୀ ।

ଦୁର୍ଗାପୂଜାର ଅଷ୍ଟମ ଦିନ ମହାଗୌରୀଙ୍କୁ ଉପାସନା କରିବାର ବିଧାନ ରହିଛି । ମା'ଙ୍କର ଶକ୍ତି ଅମୋଘ ଓ ସଦ୍ୟ ଫଳଦାୟିନୀ । ତାଙ୍କର ଉପାସନା କଲେ ଭକ୍ତଙ୍କର ସକଳ କଳ୍ମଷ ଧୋଇ ହୋଇଯାଏ, ପୂର୍ବ ସଂଚିତ ପାପ ବି ଖଣ୍ଡନ ହୋଇଯାଏ ଏବଂ ଭବିଷ୍ୟତରେ କେବେ କୌଣସି ପାପ ସନ୍ତାପ ବା ଦୁଃଖଦୈନ୍ୟ ତାଙ୍କ ପାଖରେ ପଶିପାରେ ନାହିଁ । ସେ ସର୍ବତୋ ଭାବେ ପବିତ୍ର ଓ ଅକ୍ଷୟ ପୁଣ୍ୟର ଅଧିକାରୀ ହୋଇଯାଆନ୍ତି ।




## ସିଦ୍ଧିଦାତ୍ରୀ

ସିଦ୍ଧଗନ୍ଧର୍ବଯକ୍ଷାଦ୍ୟୈରସୁରୈରମରୈରପି ।
ସେବ୍ୟମାନା ସଦା ଭୂୟାତ୍ ସିଦ୍ଧିଦା
ସିଦ୍ଧିଦାୟିନୀ । ।

ମାତା ଦୁର୍ଗାଙ୍କର ନବମ ଶକ୍ତିର ନାମ ସିଦ୍ଧିଦାତ୍ରୀ । ଏହି ମାତା ସକଳ ପ୍ରକାର ସିଦ୍ଧି ପ୍ରଦାନ କରନ୍ତି । ମାର୍କଣ୍ଡେୟ ପୁରାଣ ଅନୁଯାୟୀ ସିଦ୍ଧି ହେଉଛି ଆଠ ପ୍ରକାର, ଯଥା– ଅଣିମା, ମହିମା, ଗରିମା, ଲଘିମା, ପ୍ରାପ୍ତି, ପ୍ରାକାମ୍ୟ, ଈଶିତ୍ୱ ଏବଂ ବଶିତ୍ୱ । ବ୍ରହ୍ମବୈବର୍ତ୍ତ ପୁରାଣର ଶ୍ରୀକୃଷ୍ଣ ଜନ୍ମ ଖଣ୍ଡରେ ସିଦ୍ଧି ଅଠର ପ୍ରକାର ବୋଲି କୁହାଯାଇଛି । ଯଥା– ଅଣିମା, ଲଘିମା, ପ୍ରାପ୍ତି, ପ୍ରାକାମ୍ୟ, ମହିମା, ଈଶିତ୍ୱ ବା ବଶିତ୍ୱ, ସର୍ବକାମାବସାୟିତା, ସର୍ବଜ୍ଞତ୍ୱ, ଦୁରଶ୍ରବଣ, ପରକାୟପ୍ରବେଶନ, ବାକ୍ ସିଦ୍ଧି, କଳ୍ପବୃକ୍ଷତ୍ୱ, ସୃଷ୍ଟି, ସଂହାରକରଣସାମର୍ଥ୍ୟ, ଅମରତ୍ୱ, ସର୍ବନ୍ୟାୟକତ୍ୱ, ଭାବନା ଓ ସିଦ୍ଧି ।

ଭକ୍ତ ଓ ସାଧକମାନଙ୍କୁ ଏହି ସମସ୍ତ ସିଦ୍ଧି ପ୍ରଦାନ କରିବାକୁ ମାତା ସିଦ୍ଧିଦାତ୍ରୀ ସମର୍ଥ । ଦେବୀ ପୁରାଣ ଅନୁଯାୟୀ ମା'ଙ୍କ କୃପାରୁ ହିଁ ଭଗବାନ ଶିବ ଏହି ସବୁ ସିଦ୍ଧି ପ୍ରାପ୍ତି କରିଥିଲେ । ତାଙ୍କରି ଅନୁକଂପାରେ ହିଁ ଶିବଙ୍କର ଅଧା ଶରୀର ଦେବୀଙ୍କ ଶରୀର ପରି ହୋଇଥିଲା । ତେଣୁ ସେ ଲୋକରେ ଅର୍ଦ୍ଧନାରୀଶ୍ୱର ନାମରେ ବିଖ୍ୟାତ । ମା' ସିଦ୍ଧିଦାତ୍ରୀ ଚତୁର୍ଭୁଜା, ସିଂହବାହିନୀ ଏବଂ ପଦ୍ମାସନା । ସେ ଡ଼ାହାଣ ପଟର ହାତରେ ଗଦା ଓ ତଳ ହାତରେ ଚକ୍ର ଏବଂ ବାଆଁ ପଟର ଉପର ହାତରେ ପଦ୍ମ ଓ ତଳ ହାତରେ ଶଙ୍ଖ ଧରିଥାନ୍ତି । ନବରାତ୍ର ପୂଜାର ନବମ ଦିନ ତାଙ୍କର ଉପାସନା କରାଯାଏ । ଯେଉଁମାନେ ସେ ଦିନ ଶାସ୍ତ୍ରୀୟ ବିଧିବିଧାନ ଅନୁସାରେ ପୂର୍ଣ୍ଣ ନିଷ୍ଠାର ସହିତ ସାଧନା କରନ୍ତି, ମାତାଙ୍କ କୃପାରୁ ସେମାନଙ୍କୁ ସକଳ ସିଦ୍ଧି ପ୍ରାପ୍ତ ହୋଇଯାଏ । ସୃଷ୍ଟିର କୌଣସି ବି ବିଷୟ ସେମାନଙ୍କ ନିମନ୍ତେ ଅଗମ୍ୟ ହୋଇ ରହିଯାଏ ନାହିଁ । ସେମାନଙ୍କ ଭିତରେ ବ୍ରହ୍ମାଣ୍ଡକୁ ପୂର୍ଣ୍ଣ ବିଜୟ କରିବାର ସାମର୍ଥ୍ୟ ଆସିଯାଏ ।

ମାତା ସିଦ୍ଧିଦାତ୍ରୀଙ୍କର କୃପା ପ୍ରାପ୍ତ ହେବା ନିମନ୍ତେ ନିରନ୍ତର ପ୍ରଯତ୍ନ କରିବା ହେଉଛି ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ । ତାଙ୍କର ଆରାଧନା ପଥରେ ଅଗ୍ରସର ହେବା ଆବଶ୍ୟକ । ତାଙ୍କରି କୃପାରୁ ଅନନ୍ତ ଦୁଃଖ ରୂପକ ସଂସାରରେ ନିର୍ଲିପ୍ତ ରହି, ସକଳ ସୁଖ ଭୋଗ କରି ମନୁଷ୍ୟ ମୋକ୍ଷ ପ୍ରାପ୍ତ ହୋଇପାରେ ।

ନବଦୁର୍ଗାଙ୍କ ମଧ୍ୟରେ ମା' ସିଦ୍ଧିଦାତ୍ରୀ ହେଉଛନ୍ତି ଶେଷ ଦୁର୍ଗା । ଶାସ୍ତ୍ରୀୟ ବିଧି-ବିଧାନ ଅନୁସାରେ ଅନ୍ୟ ଅଷ୍ଟ ଦୁର୍ଗାଙ୍କର ପୂଜା-ଉପାସନା ଶେଷ କରି ସାଧକ ନବମ ଦିନ ଏହି ମାତାଙ୍କ ଉପାସନାରେ ପ୍ରବୃତ୍ତ ହୁଅନ୍ତି । ଏହି ସିଦ୍ଧିଦାତ୍ରୀ ମାତାଙ୍କର ଉପାସନା ପୂର୍ଣ୍ଣ କରି ଦେବା ପରେ ଭକ୍ତ ଓ ସାଧକମାନଙ୍କର ଲୌକିକ-ପାରଲୌକିକ ସକଳ ପ୍ରକାର କାମନା ପୂର୍ଣ୍ଣ ହୋଇଯାଏ । ମା'ଙ୍କର କୃପାପାତ୍ର ଭକ୍ତଙ୍କ ଭିତରେ ଆଉ ଏପରି କୌଣସି କାମନା ରହିଯାଏ ନାହିଁ, ଯାହାକୁ କି ସେ ପୂର୍ଣ୍ଣ କରିବାକୁ ଚାହାନ୍ତି । ସେ ସକଳ ସାଂସାରିକ ଇଚ୍ଛା, ଆବଶ୍ୟକତା ଓ ସ୍ପୃହାର ଉପରକୁ ଉଠିଯାଇ ମାନସିକ ରୂପରେ ମାତା ଭଗବତୀଙ୍କର ଦିବ୍ୟାଲୋକରେ ବିଚରଣ କରନ୍ତି ଏବଂ ମାଆଙ୍କର କୃପା-ରସ-ଅମୃତ ନିରନ୍ତର ପାନ କରି ବିଷୟ ଭୋଗ ଶୂନ୍ୟ ହୋଇଯାଆନ୍ତି । ମାତା ଭଗବତୀଙ୍କର ପରମ ସାନ୍ନିଧ ହିଁ ତାଙ୍କର ସର୍ବସ୍ୱ ହୋଇଯାଏ । ସେହି ପରମପଦକୁ ପାଇଯିବା ପରେ ତାଙ୍କର ଆଉ କୌଣସି ବସ୍ତୁର ଆବଶ୍ୟକତା ରହେନାହିଁ । ମାତାଙ୍କ ଚରଣର ଏହି ସାନ୍ନିଧ୍ୟ ପ୍ରାପ୍ତି ନିମନ୍ତେ ଆମକୁ ନିୟମନିଷ୍ଠ ହୋଇ ନିରନ୍ତର ତାଙ୍କର ଉପାସନା କରିବାକୁ ପଡିବ । ମାତା ଭଗବତୀଙ୍କର ସ୍ମରଣ, ଧ୍ୟାନ ଓ ପୂଜନ ଆମକୁ ଏହି ସଂସାରର ଅସାରତା ବୋଧ କରାଇ ଦେଇ ବାସ୍ତବିକ ପରମ ଶାନ୍ତିଦାୟକ ଅମୃତପଦ ଆଡ଼କୁ ନେଇଯାଇ ପାରିବ । (ସଂଗୃହୀତ)



# ଶିଶୁ ବିକାଶ କେନ୍ଦ୍ରର ୩୭ତମ ପ୍ରତିଷ୍ଠା ଦିବସ ପାଳିତ



ବଲାଙ୍ଗିର, (ନିପ୍ର) : ଆଜି ସ୍ଥାନୀୟ ଏଲ୍ ଏଣ୍ଡ ଏସ୍ କ୍ଲବ ସଭା କକ୍ଷଠାରେ ଶିଶୁ ବିକାଶ କେନ୍ଦ୍ର, ବଲାଙ୍ଗିରର ୩୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ମଦନ ମୋହନ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ, ଅନୁଷ୍ଠାନର ଉପଦେଷ୍ଟା ଜୟରାମ ମିଶ୍ର, ବିକ୍ରମାନନ୍ଦ ବହିଦାର ମଞ୍ଚାସୀନ ଥିଲେ । ଏହି ଅବସରରେ ଆଦର୍ଶ ଶିକ୍ଷୟିତ୍ରୀ ରଂଜିତା ରଶ୍ମି ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ଆରମ୍ଭରେ ଅନୁଷ୍ଠିତ କଣ୍ଠ ସଂଗୀତ ପ୍ରତିଯୋଗିତାରେ ଲେଖକ ଜ୍ୟୋତିରଞ୍ଜନ ମିଶ୍ର, ଗୀତିକାର ହୃଷିକେଶ ପୁରୋହିତ ଓ କଣ୍ଠଶିଳ୍ପୀ ଧୀରେନ୍ଦ୍ର ନାରାୟଣ ସିଂହଦେଓ ବିଚାରକ ଭାବରେ ଯୋଗଦେଇ ଥିଲେ । ପରେ ପରେ ଅନୁଷ୍ଠିତ ସଭାରେ କସ୍ତୁରୀ ରଥ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ବେଦ ପଠନ କରିଥିଲେ । ଅନୁଷ୍ଠାନର ପତାକା କୁନି କୁନି ପିଲାମାନଙ୍କ ଦ୍ୱାରା ଉତ୍ତୋଳନ କରାଯାଇଥିଲା । ମଂଚାସୀନ ଅତିଥିମାନେ ସାମ୍ପ୍ରତିକ ସମୟରେ ଶିଶୁମାନଙ୍କ ସର୍ବାଙ୍ଗିନ ଉନ୍ନତି ପାଇଁ ଶିକ୍ଷକ, ଶିକ୍ଷୟିତ୍ରୀ ଓ ପିତାମାତାଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଅନୁଷ୍ଠିତ ବକ୍ତୃତା, ପ୍ରବନ୍ଧ ଓ କଣ୍ଠ ସଂଗୀତ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସଭା ପରିଚାଳନା କରିଥିଲେ ଅନୁଷ୍ଠାନର ସମ୍ପାଦକ ରନ୍ମୟ ତ୍ରିପାଠୀ । ସଭାକୁ ସଫଳ କରିବାରେ ସୁନାଧର ବନଛୋର, ଅରୁଣ କୁମାର ଖୁଆସ, ପ୍ରଶାନ୍ତ ଷଡ଼ଙ୍ଗୀ, ମାନସ ବାଗ, କେଶବ ମିଶ୍ର ସହଯୋଗ କରିଥିଲେ । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ଚୁଡେନ୍ଦ୍ର କୁମାର ବେହେରା ।

# ଗାନ୍ଧୀପାଠାଗାର ପୂଜା ମଣ୍ଡପ ଟିକ୍ରାପଡାରେ ମା' ଦୁର୍ଗାଙ୍କ ସନ୍ଧିପୂଜା ଓ ନବମୀ ପୂଜା



ବଲାଙ୍ଗିର, (ନିପ୍ର) : ଗାନ୍ଧୀ ପାଠାଗାର (ପୂଜା ମଣ୍ଡପ) ଟିକ୍ରାପଡାରେ ମା' ଦୁର୍ଗାଙ୍କ ସନ୍ଧିପୂଜା ଓ ନବମୀ ପୂଜା ବୁଧବାର ରାତ୍ର ଘ.୭ରୁ ଆରମ୍ଭ ହୋଇଯାଇଛି । ମା'ଙ୍କର ସନ୍ଧିପୂଜାରେ କୋଭିଡ୍ ନିୟମ ମାନି ସମସ୍ତେ ଉପସ୍ଥିତ ଥିଲେ । ଗତ ସୋମବାର ଅପରାହ୍ନ ୪ଘଣ୍ଟା ସମୟରେ ମୁଖ୍ୟପୂଜକ ରଘୁପତି ପୁରୋହିତଙ୍କ ତତ୍ତ୍ୱାବଧାନରେ ବିଲ୍ୱବରଣ ଓ କଳାସାଧିବାସ କରାଯାଇ ମା'ଙ୍କର ଉପାସନା ଆରମ୍ଭ ହୋଇ ମଙ୍ଗଳବାର ରାତ୍ରରେ ଅଷ୍ଟମୀ ପୂଜା ତଥା ଭାଇ ଜିଉଁନ୍ତିଆ ପୂଜା ପୀଠରେ ହୋଇଥିଲା । ବିଜୟ ସାହୁ ଓ ତାଙ୍କ ସହଧର୍ମିଣୀ କର୍ତ୍ତା କାର୍ଯ୍ୟ ତୁଲାଉଛନ୍ତି । କମିଟିର ସଭାପତି ପ୍ରକାଶ ନେପାକ, ଉପସଭାପତି ସନ୍ତକ ବହିଦାର, ସମ୍ପାଦକ ପ୍ରଦୀପ ସାହୁଙ୍କ ସମେତ ଦୁର୍ଗାପୂଜା ପରିଚାଳନା କମିଟିର ସଦସ୍ୟ ରିୟାଜ ଖାନ, ଟୁନା ହୋତା, ରାଜେନ୍ଦ୍ର ପାଣି, ମହମ୍ମଦ ଅକ୍ବର, ଅଜିତ ପଣ୍ଡା ପ୍ରମୁଖ ପୂଜା ପରିଚାଳନା ଶାନ୍ତି ଶୃଙ୍ଖଳା ସହିତ ଆକର୍ଷଣୀୟ କରିବାକୁ ଅକ୍ଲାନ୍ତ ପରିଶ୍ରମ କରୁଛନ୍ତି ।

ପୂଜାକାର୍ଯ୍ୟ ନିମନ୍ତେ ରାଜେନ୍ଦ୍ର ମିଶ୍ର, ସଂଗ୍ରାମ ବହିଦାର, ଚିତ୍ତ ରଂଜନ ସାହୁ, ନଳିନୀ ସାହୁ, ବାବୁ ଶ୍ରୀଚନ୍ଦନ, ସୁରୁ ସାହୁ, ଦାଶରଥି ସାହୁ, ଟୁନୁ ସାହୁ ସହାୟତା କରୁଛନ୍ତି । ବରିଷ୍ଠ ଉପଦେଷ୍ଟା ବିକ୍ରମାନନ୍ଦ ବହିଦାର, ଭଗବାନ ବଗର୍ତି, କୋଭିଡ୍ ନିୟମାନୁସାରେ ପୂଜା ପରିଚାଳନା ପାଇଁ ବିଶେଷ ଯତ୍ନବାନ ଅଛନ୍ତି ।




# ସ୍ୱର୍ଗତ ହୃଷିକେଶ ମିଶ୍ରଙ୍କ ସ୍ମରଣିକା ଉନ୍ମୋଚିତ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ସହରର ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ହୃଷିକେଶ ମିଶ୍ରଙ୍କ ସ୍ମରଣିକା ସୁନାମଧନ୍ୟା ସାହିତ୍ୟିକା ଶ୍ରୀମତୀ ରାସେଶ୍ୱରୀ ମିଶ୍ରଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ଆଜି ବଲାଙ୍ଗିର ଶିବାନନ୍ଦ ଆଶ୍ରମଠାରେ ଅନୁଷ୍ଠିତ ସତସଙ୍ଗ ଓ ସ୍ମରଣିକା ଉନ୍ମୋଚନ ଉତ୍ସବରେ ପ୍ରଫେସର ମଧୁସୂଦନ ପତି ମୁଖ୍ୟବକ୍ତା ଭାବେ ଯୋଗଦାନ କରି ସ୍ୱର୍ଗତ ମିଶ୍ରଙ୍କ କର୍ମମୟ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ତାଙ୍କର ଉଚ୍ଚକୋଟୀର ଶିକ୍ଷାଦାନ ଦ୍ୱାରା ଅନେକ ଛାତ୍ରଛାତ୍ରୀ ଉପକୃତ ହୋଇ ଆଜି ସମାଜର ବିଭିନ୍ନ କ୍ଷେତ୍ରରେ ଉଚ୍ଚ ପଦ ପଦବୀରେ ଅବସ୍ଥାପିତ ଅଛନ୍ତି । ସେ ଅବସର ଗ୍ରହଣ କରିବା ପରେ ଆଧ୍ୟାତ୍ମିକ କ୍ଷେତ୍ରରେ ସାଧନା ଜାରି ରଖି ଦିବ୍ୟ ଜୀବନ ସଂଘର ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଠାରୁ ଦୀକ୍ଷା ଗ୍ରହଣ କରିଥିଲେ ଓ ସମାଜର କଲ୍ୟାଣ ପାଇଁ ଅନେକ ଜନ ହିତକର କାର୍ଯ୍ୟରେ ସାହାଯ୍ୟ ସହଯୋଗ ଜାରି ରଖିଥିଲେ ।

ଏହି ଉତ୍ସବରେ ଶିକ୍ଷାବିତ୍ ପ୍ରାଣବନ୍ଧୁ ନାୟକ ସଭାପତିତ୍ୱ କରିଥିବା ବେଳେ ପ୍ରଭାତ କୁମାର ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସମ୍ପାଦନା ମଣ୍ଡଳୀ ସଦସ୍ୟ ଅଧ୍ୟାପକ ଜୟ କୁମାର ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ ଶିବାନନ୍ଦ ଆଶ୍ରମର ସଭାପତି ରବିଚନ୍ଦ୍ର ଉଦ୍‌ଗାତା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବଲାଙ୍ଗିର ସହରର ତଥା ଆଖପାଖର ଶତାଧିକ ଶୁଭେଚ୍ଛୁ, ସହକର୍ମୀ, ଛାତ୍ର ଓ ଲେଖକ ଯୋଗଦାନ କରିଥିଲେ ।

# ପେନ୍‌ସନ୍ ଭୋଗୀଙ୍କ ଅଧିବେଶନ ଏବଂ ବ୍ରହ୍ମପୁର ଡାକ-ମଣ୍ଡଳର ଡାକ ସପ୍ତାହ ପାଳନ ଉଦ୍‌ଯାପିତ



ବ୍ରହ୍ମପୁର, (ନିପ୍ର) : ଡାକ ସପ୍ତାହର ଶେଷ ଦିବସରେ ବ୍ରହ୍ମପୁର ଡିଭିଜନ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ଡାକ-ଅଧିକ୍ଷକ ତାରିଣୀ ଚରଣ ପାଢ଼ୀଙ୍କ ପୌରୋହିତ୍ୟ ତଥା ସହକାରୀ ଡାକ ଅଧିକ୍ଷକ ମନୋଜ କୁମାର ବେହେରା, ସୁଧାଂଶୁ କୁମାର ପାଢ଼ୀ, ବ୍ରହ୍ମପୁର ପୋଷ୍ଟ ମାଷ୍ଟର ତାରିଣୀ ମହାନ୍ତି, ଡାକ-ଜନସମ୍ପର୍କ ଅଧିକାରୀ ଗଣେଶ ଗୌଡ଼, ବ୍ରହ୍ମପୁର ଅସିଷ୍ଟାଣ୍ଟ ପୋଷ୍ଟମାଷ୍ଟର ରାମଚନ୍ଦ୍ର ଦାସ, ପ୍ରମୁଖଙ୍କ ସହଯୋଗରେ ପୂର୍ବାହ୍ନରେ କଷ୍ଟମର ମିଟ୍ ଓ ଅପରାହ୍ନରେ ବରିଷ୍ଠ ନାଗରିକ ଓ ପେନ୍‌ସନ୍ ଭୋଗୀଙ୍କ ଅଧିବେଶନ ଅନୁଷ୍ଠିତ ହେବା ସହ ଚଳିତ ବର୍ଷର ଡାକ ସପ୍ତାହ ଦିବସର ଉଦ୍‌ଯାପନ ଯଥା ବିଧିରେ ସମାହିତ ହୋଇଛି । ସୂଚନା ଥାଉକି, ଭାରତବର୍ଷର ସ୍ୱାଧୀନତା ଲାଭର ୭୫ବର୍ଷ ପୂର୍ତ୍ତି ଅବସରରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ ହୋଇଆସୁଅଛି । ଏ ନେଇ ଭାରତୀୟ ଡାକବିଭାଗ ତରଫରୁ ଏ ବର୍ଷର ଅନ୍ତର୍ଜାତୀୟ ଡାକ ଦିବସକୁ ଖୁବ ଜାକ୍‌ଯମକ୍‌ରେ ପାଳନ କରାଯାଇଛି । ସବୁ ଡାକ ଘରଗୁଡିକୁ ସଫାସୁତୁରା କରି ଡାକ-ବକ୍ସକୁ ରଙ୍ଗୀନ କରାଯାଇଛି । ଡାକ ସପ୍ତାହ ସକାଶେ ମୁଖ୍ୟ ଡାକଘରକୁ ପାର୍ବଣର ତିଥି ଭଳି ରଙ୍ଗୀନ ଆଲୋକରେ ସଜା ଯାଇଥିଲା । ସପ୍ତାହବ୍ୟାପୀ ବ୍ୟାଙ୍କିଙ୍ଗ୍ ଦିବସ, ଡାକ-ଜୀବନ ବୀମା ଦିବସ, ଡାକ ଟିକଟ ଦିବସ ଇତ୍ୟାଦି ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଢଙ୍ଗରେ ପାଳନ କରିଆସିଛି । ବ୍ରହ୍ମପୁର ଡାକ ମଣ୍ଡଳ କେନ୍ଦ୍ର ସରକାରଙ୍କ ଛୁଟି ଦିନରେ ମଧ ବିଜିନେସ ଡେଭଲପ୍‌ମେଣ୍ଟ ଡେ-ଅବସରରେ ବ୍ରହ୍ମପୁର ମଣ୍ଡଳ ପକ୍ଷରୁ ଆୟୋଜିତ କରିଥିଲା ତିନୋଟି ସମାନ୍ତରାଳ ଆଧାର କ୍ୟାମ୍ପ । ବଡ଼ମାଧପୁର ଗ୍ରାମ ପଞ୍ଚାୟତରେ ଏହି ଭ୍ରାମ୍ୟମାଣ ଆଧାର ଶିବିରକୁ ସ୍ଥାନୀୟ ସରପଞ୍ଚ ଶରତ ଖୁଣ୍ଟିଆ ଶୁଭାରମ୍ଭ କରିଥିବା ବେଳେ ପାଣ୍ଡିଆ ଓ କୋଦଳାଠାରେ ବ୍ରହ୍ମପୁର ନର୍ଥ ସବଡିଭିଜନର ସହକାରୀ ଡାକ ଅଧିକ୍ଷକ ଚକ୍ରଧର ନାୟକ ଶୁଭାରମ୍ଭ କରିଥିଲେ ।

ଏହି ଆଧାର ଶିବିରଗୁଡିକରେ ବିପୁଳ ସଂଖ୍ୟାରେ ନୁଆ ଆଧାର ପଞ୍ଜିକରଣ, ସଂଶୋଧନ ତଥା ମୋବଇଲ ନମ୍ବର ଆଧାର ନମ୍ବର ସହ ସଂଯୋଗ କରାଯାଇଥିଲା । ସେହିଭଳି ଡାକ ସପ୍ତାହର ଶେଷଦିନରେ ବ୍ରହ୍ମପୁର ଡିଭିଜନ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ଡାକ ଅଧିକ୍ଷକ ତାରିଣୀ ଚରଣ ପାଢ଼ୀଙ୍କ ପୌରୋହିତ୍ୟ ତଥା ସହକାରୀ ଡାକ ଅଧିକ୍ଷକ ମନୋଜ କୁମାର ବେହେରା, ସୁଧାଂଶୁ କୁମାର ପାଢ଼ୀ, ବ୍ରହ୍ମପୁର ପୋଷ୍ଟ ମାଷ୍ଟର ତାରିଣୀ ମହାନ୍ତି, ଡାକ-ଜନସମ୍ପର୍କ ଅଧିକାରୀ ଗଣେଶ ଗୌଡ଼, ବ୍ରହ୍ମପୁର ଆସିଷ୍ଟାଣ୍ଟ ପୋଷ୍ଟମାଷ୍ଟର ରାମଚନ୍ଦ୍ର ଦାସ ପ୍ରମୁଖଙ୍କ ସହଯୋଗରେ ପୂର୍ବାହ୍ନରେ କଷ୍ଟମର ମିଟ୍ ଓ ଅପରାହ୍ନରେ ବରିଷ୍ଠ ନାଗରିକ ଓ ପେନ୍‌ସନ୍ ଭୋଗୀଙ୍କ ଅଧିବେଶନ ଅନୁଷ୍ଠିତ ହେବା ସହ ଚଳିତ ବର୍ଷର ଡାକ ସପ୍ତାହ ଦିବସର ଉଦ୍‌ଯାପନ କରାଯାଇଛି ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com Koshala prabaha Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu